୨୬ତମ ପ୍ରତିଷ୍ଠା ଦିବସ ସମାରୋହ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବର କାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

Vol.26 . No.227 Bhubaneswar Sunday October 20 2024 | ୨୬ତମ ବର୍ଷ ସଂଖ୍ୟା-୨୨୭ ଭୁବନେଶ୍ୱର, ରବିବାର, ଅକ୍ଟୋବର ୨୦, ୨୦୨୪ | (୮ ପୃଷ୍ଠା) | ମୂଲ୍ୟ-୧.୫୦ ₹1.50 | (Air Surcharge - 0.50P) | Member-INS

# ବିଜେଡିରେ କ୍ରୀତଦାସଙ୍କ 'ଦାସ' କିଏ, ଯେ ଦାସତ୍ୱ କାହିଁକି, କେବେ କରିବେ ଆତ୍ମସମୀକ୍ଷା

ଭୁବନେଶ୍ୱର,୧୯।୧୦(ପି.ଏନ): ବିଜେଡିରେ କିଏ କ୍ରୀତଦାସ ଓ କ୍ରୀତଦାସଙ୍କ 'ଦାସ' କେଉଁମାନେ? କାହିଁକି ଏଭଳି ଦାସତ୍ୱରେ ବାନ୍ଧି ହୋଇଛନ୍ତି ବରିଷ୍ଠ ନେତାମାନେ? କ'ଣ ସେମାନଙ୍କ ବାଧ୍ୟବାଧକତା? ଯେଉଁମାନଙ୍କ ପରିଶ୍ରମ ଓ କଷ୍ଟରେ ବିଜେଡି ଏତେ ବିଶାଳ ହୋଇପାରିଛି କାହିଁକି ସେମାନଙ୍କୁ ଅଲୋଡା କରିଦିଆଯାଉଛି? ବିଜେଡି ଗଠନ, ପ୍ରାରମ୍ଭିକ ସଂଘର୍ଷ ଓ ସଫଳତାରେ ସାମାନ୍ୟତମ ଅବଦାନ ନଥିବା ବ୍ୟକ୍ତିମାନେ ଏବେ ବିଜେଡିକୁ ଜାବୁଡି ଧରି ଦଳକୁ ପତନ ଆଡ? ଟାଣି ନେଉଥିଲେ ମଧ୍ୟ କାହିଁକି ଦଳର ଆଗଧାଡିର ନେତାମାନେ ସେମାନଙ୍କ 'ଦାସତ୍ୱ' ସ୍ୱୀକାର କରିଛନ୍ତି? କାହିଁକି ଏହି ଆଗଧାଡିର ନେତାମାନେ ମୁହଁରେ ତୁଣ୍ଡି ବାନ୍ଧି ବସିଛନ୍ତି? ଆଉ ସେହି ଆତ୍ମଘୋଷିତ 'କ୍ରୀତଦାସ'ଙ୍କ 'ଦାସ' ପାଲଟି ନିଜର ଆତ୍ମସ୍ୱାଭିମାନକୁ ଭୁଲି କାହିଁକି ସଖିକଣ୍ଢେଇ ଭଳି କାର୍ଯ୍ୟ କରିବାକୁ ବାଧ ହେଉଛନ୍ତି? ଏଭଳି ଅନେକ ପ୍ରଶ୍ନ ଏବେ ବିଜେଡିର କର୍ମୀ ଓ ନେତାମାନଙ୍କ ମଧ୍ୟରେ ଚର୍ଚ୍ଚାର ବିଷୟ ପାଲଟିଛି ।ସୂଚନା ଅନୁସାରେ, ସାଧାରଣ ନିର୍ବାଚନରେ ପରାଜୟ ପରଠୁ କିଛିଦିନର ବ୍ୟବଧାନ ପରେ ପୁଣିଥରେ ବିଜେଡିର ସର୍ବ?ସର୍ବା ଭିକେ ପାଣ୍ଡିଆନଙ୍କୁ ନେଇ ଦଳ ଭିତରେ ଆକ୍ରୋଶ ବଢ଼ିବାରେ ଲାଗିଛି । ପାଣ୍ଡିଆନ ନିଜେ ସମ୍ମୁଖକୁ ଆସୁନଥିଲେ ମଧ ତାଙ୍କ 'ଆତ୍ମଘୋଷିତ କ୍ରୀତଦାସ' ପ୍ରଣବପ୍ରକାଶ ଦାସ ଓରଫ ବବିଙ୍କ ମାଧ୍ୟମରେ ପୂର୍ବଭଳି ଦଳକୁ ନିୟନ୍ତ୍ରଣ କରୁଥିବା ଜଣାପଡିଛି । ଆଉ 'କ୍ରୀତଦାସ' ବି ପ୍ରଚ୍ଛଦପଟ୍ଟରେ ରହି ନିଜର 'ଦାସ' ଟିମ୍ ମାଧ୍ୟମରେ ଏବେ କାହାକୁ କାରଣଦର୍ଶାଅ ନୋଟିସ୍ ପଠାଉଛନ୍ତି ତ ଆଉ କେଉଁ ବରିଷ୍ଠ ନେତାଙ୍କୁ 'ଦଳ ଛାଡି ପଳାଅ' ବୋଲି ଚେତାବନୀ ଦେଉଛନ୍ତି । ନିର୍ବାଚନୀ ବିପର୍ଯ୍ୟୟ ପାଇଁ ଯେଉଁ ପାଣ୍ଡିଆନ ଓ ବବି ଦାସଙ୍କୁ ଦାୟୀ କରାଯାଉଛି ସେମାନେ ପୁଣି କିଭଳି ଦଳକୁ ସମ୍ପୂର୍ଣ୍ଣ ନିୟନ୍ତ୍ରଣ କରୁଛନ୍ତି ତାକୁ ନେଇ କର୍ମୀ ଓ ନେତାମହଲରେ ଆକ୍ରୋଶ ବଢୁଥିବାବେଳେ 'ଦାସ' ଟିମ୍ ସେମାନଙ୍କୁ ପୂର୍ଣ୍ଣ ସୁରକ୍ଷା ଦେଉଥିବା ଜଣାପଡିଛି । ଦେବୀ ମିଶ୍ର,ଅତନୁ ସବ୍ୟସାଚୀ ନାୟକ,ସଞ୍ଜୟ ଦାସବର୍ମା ଓ ଅରୁଣ ସାହୁଙ୍କ କଥା । ଦେବୀ ମିଶ୍ର, ଅତନୁ ସବ୍ୟସାଚୀ,ସଞ୍ଜୟ ଦାସବର୍ମା, ଅରୁଣ ସାହୁ ଅର୍ଥାତ୍ 'ଦାସ' (DASA) ।ଯେଉଁମାନେ କି ଏବେ ବବିଙ୍କ ନିର୍ଦ୍ଦେଶରେ ଶଙ୍ଖଭବନରେ ବସି ସାଂଗଠନିକ କାର୍ଯ୍ୟକୁ ଆଗେଇ ନେଉଥିବା ଜଣାପଡିଛି । ଯଦିଓ ଏହି ୪ଜଣ ନେତାଙ୍କର ସାଂଗଠନିକ ଦକ୍ଷତା ଓ ଅଭିଜ୍ଞତା ରହିଛି ତଥା ସେମାନେ ଚାହିଁଲେ ଦଳର ସବୁଗୋଷ୍ଠୀର ନେତାମାନଙ୍କୁ ଏକଜୁଟ ରଖିପାରିବେ । ଦଳର ଆଗଧାଡିର ନେତା ଭାବେ ସେମାନେ ଦୁଇଦଶନ୍ଧିରୁ ଅଧିକ ସମୟ ଧରି ସାଂଗଠନିକ କାର୍ଯ୍ୟ ମଧ କରୁଛନ୍ତି ।ତଥାପି ଏହି ନେତାମାନେ କାହିଁକି 'କ୍ରୀତଦାସ'ଙ୍କ 'ଦାସ' ପାଲଟିଛନ୍ତି ତାହା ଏବେ ଦଳୀୟ ମହଲରେ ଚର୍ଚ୍ଚାର ବିଷୟ ପାଲଟିଛି । ଦଳ ଏବେ ବିଭାଜନ ଓ ପତନାଭିମୁଖୀ ହୋଇଥିବାବେଳେ ଏହି ନେତାମାନେ ନିରବ ରହି ଓଲଟା 'କ୍ରୀତଦାସ'ଙ୍କ ସଖିକଣ୍ଢେଇ ସାଜିବାକୁ ସାଧାରଣରେ ନାପସନ୍ଦ କରାଯାଉଛି ।ନିର୍ବାଚନୀ ବିପର୍ଯ୍ୟୟର ସମୀକ୍ଷା ନହେବା ଓ ପୁଣିଥରେ ପାଣ୍ଡିଆନ-ବବି ସକ୍ରିୟ ହେବାଯୋଗୁ ବିଜେଡିର ଆଭ୍ୟନ୍ତରୀଣ କନ୍ଦଳ ଥମିବାର ନାଁ ଧରୁନି । ଜଣକ ପରେ ଜଣେ ନେତା ଗଣମାଧ୍ୟମରେ ନିଜର ଅସନ୍ତୋଷ ବ୍ୟକ୍ତ କରିବାରେ ଲାଗିଛନ୍ତି । ପ୍ରଫୁଲ୍ଲ ଘଡେଇଙ୍କଠୁ ଆରମ୍ଭ କରି ପଦ୍ମନାଭ ବେହେରାଙ୍କ ପର୍ଯ୍ୟନ୍ତ ବରିଷ୍ଠ ନେତାମାନେ ବୁଲେଇବଙ୍କେଇ ନିର୍ବାଚନ ପରାଜୟର ସମୀକ୍ଷା କଥା କହୁଛନ୍ତି । ତଥାପି ଦଳର ଚେତା ପଶୁନି କିମ୍ବା ଦଳକୁ ଶୃଙ୍ଖଳିତ ଓ ନିୟନ୍ତ୍ରିତ କରିବା ପାଇଁ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ସାମାନ୍ୟତମ ପଦକ୍ଷେପ ନେଉନାହାନ୍ତି । ନବୀନଙ୍କ ଏଭଳି ନିରବତା, ଅପାରଗତା ଓ ଅସହାୟତାକୁ ନେଇ ବିଜେଡି ମହଲରେ ଅସନ୍ତୋଷ ବ?ିବାରେ ଲାଗିଥିବାବେଳେ ଦଳର ଅଘୋଷିତ ସର୍ବେସର୍ବା ଭିକେ ପାଣ୍ଡିଆନ ନବୀନ ନିବାସରେ ରହି 'ବିଜେଡି'କୁ ତାଙ୍କର ଆତ୍ମଘୋଷିତ 'କ୍ରୀତଦାସ'ଙ୍କ ମାଧ୍ୟମରେ ଜାବୁଡି ଧରିରଖିଛନ୍ତି । ଆଉ କ୍ରୀତଦାସଙ୍କ ନିର୍ଦ୍ଦେଶରେ ଓ ତାଙ୍କୁ ସହଯୋଗ ପାଇଁ ଏହି 'ଦାସ' ଟିମ୍ ଫୁଲ୍ ସ୍ପିଡରେ କାର୍ଯ୍ୟ କରୁଥିବାରୁ ବିଜେଡିରେ ବିସ୍ଫୋରକ ପରିସ୍ଥିତି ସୃଷ୍ଟି ହେବାରେ ଲାଗିଛି ।




# ପ୍ରାର୍ଥୀ ଘୋଷଣା କଲା ବିଜେପି: ସୋରେନ ବାପା-ପୁଅ ଓ ରାଜ୍ୟପାଳଙ୍କ ବୋହୂଙ୍କୁ ମିଳିଲା ଟିକେଟ

ଭୁବନେଶ୍ୱର,୧୯।୧୦(ପିଏନ):ଝାଡଖଣ୍ଡ ବିଧାନସଭା ନିର୍ବାଚନ ପାଇଁ ବିଜେପି ପ୍ରଥମ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ଘୋଷଣା କରିଛି। ଏହି ତାଲିକାରେ ମୋଟ ୬୬ଟି ଆସନ ପାଇଁ ପ୍ରାର୍ଥୀଙ୍କ ନାଁ ରହିଛି। ବିଜେପି ରାଜ୍ୟର ୮୧ଟି ଆସନରୁ ୬୮ଟିରେ ଲଢ଼ିବ ଓ ସହଯୋଗୀଙ୍କ ପାଇଁ ବାକି ଆସନ ଛାଡିବାକୁ ନେଇଛି। ଏହି କ୍ରମରେ ଦଳ ଆଜି ୬୬ଟି ଆସନ ପାଇଁ ପ୍ରାର୍ଥୀଙ୍କ ତାଲିକା ଜାରି କରିଛି ।ତାଲିକା ଅନୁସାରେ, ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କ ପୂର୍ବତନ ସହଯୋଗୀଙ୍କୁ ବିଜେପି ଟିକେଟ ଦେଇଛି। ହେମନ୍ତଙ୍କ ପୂର୍ବତନ ସହଯୋଗୀ ଚମ୍ପାଇ ସୋରେନ ସରେଇକଳା ଆସନରୁ ପ୍ରାର୍ଥୀ ହୋଇଛନ୍ତି। ସେହିପରି ଅନ୍ୟତମ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ରାଜ୍ୟ ବିଜେପି ମୁଖ୍ୟ ବାବୁଲାଲ ମାରାଣ୍ଡି ଧନୱାର ଆସନରୁ ଟିକେଟ ପାଇଛନ୍ତି। ବାବୁଲାଲ ମାରାଣ୍ଡି ଓ ଚମ୍ପାଇ ସୋରେନ ହେଉଛନ୍ତି ଝାଡଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ।



# ସୁରକ୍ଷାକର୍ମୀଙ୍କୁ ବଡ ସଫଳତା: ଧରା ପଡିଲେ ଦୁଇ କୁଖ୍ୟାତ ଆତଙ୍କବାଦୀ

ଭୁବନେଶ୍ୱର,୧୯।୧୦(ପି.ଏନ): ଜମ୍ମୁ-କଶ୍ମୀରରେ ସୁରକ୍ଷାକର୍ମୀଙ୍କୁ ମିଳିଛି ବଡ ସଫଳତା। ଏକାଧିକ ଗ୍ରେନେଡ ଆକ୍ରମଣରେ ସାମିଲ ଥିବା ଦୁଇ ଜଣ କୁଖ୍ୟାତ ଆତଙ୍କବାଦୀଙ୍କୁ ପୁଲିସ୍? ଧରିବାକୁ ସକ୍ଷମ ହୋଇଛି। ପୁଞ୍ଛରେ ହୋଇଥିବା ଏକାଧିକ ଗ୍ରେନେଡ ମାଡ ଘଟଣାର ତଦନ୍ତ ପୁଲିସ କରୁଥିଲା। ଏହାପରେ ଜମ୍ମୁ-କଶ୍ମୀର ଘଜନବୀ ଫୋର୍ସ ବା ଜେକେଜିଏଫର ଦୁଇ ଜଣ ଆତଙ୍କବାଦୀଙ୍କୁ ଗିରଫ କରାଯାଇଛି। ଜମ୍ମୁ ଜୋନର ଅତିରିକ୍ତ ପୁଲିସ ମହାନିର୍ଦ୍ଦେଶକ ଆନନ୍ଦ ଜୈନ କହିଛନ୍ତି ଯେ ଦୁଇ ଗିରଫ ଆତଙ୍କବାଦୀ ହେଲେ ଅବଦୁଲ ଅଜିଜ ଓ ମନୱର ହୁସୈନ। ଉଭୟଙ୍କ ଘର ହରି ଗାଁରେ। ସେମାନଙ୍କୁ ଗିରଫ କରିବା ସୁରକ୍ଷାକର୍ମୀଙ୍କ ପାଇଁ ଗୋଟିଏ ବଡ ସଫଳତା ବୋଲି ସେ କହିଛନ୍ତି ।ମିଳିଥିବା ସୂଚନା ଅନୁଯାୟୀ, ଶୁକ୍ରବାର ୩୭ ରାଷ୍ଟ୍ରୀୟ ରାଇଫଲ୍ସ ଓ ସିଆରପିଏଫର ୩୮ତମ ବାଟାଲିୟନ ଯବାନଙ୍କ ସହ ପୁଲିସ୍ ପକ୍ଷରୁ ମିଳିତ ଅପରେସନ କରାଯାଇଥିଲା। ଏହି ସମୟରେ ଅଜିଜକୁ ଗିରଫ କରାଯାଇଛି। ତା' ନିକଟରୁ ୨ଟି ଗ୍ରେନେଡ ମଧ ଜବତ ହୋଇଛି।



# ଭୁବନେଶ୍ୱର ବିକାଶ ମଞ୍ଚ ଦ୍ୱାରା ପଲ୍ଲିଶ୍ରୀ ମେଳା ଓ କୁମାର ମହୋତ୍ସବ ପାଳିତ




ଭୁବନେଶ୍ୱର,୧୯।୧୦(ପି.ଏନ): ଭୁବନେଶ୍ୱର ବିକାଶ ମଞ୍ଚଦ୍ୱାରା ପାଳିତ ସ୍ଥାନୀୟ ଜାମୁକୋଳି ଓ ପଧାନ ସାହି ପଞ୍ଚାୟତରେ ପାଞ୍ଚଦିବସୀୟ ପଲିଶ୍ରୀ ମେଳା ଓ କୁମାର ମହୋତ୍ସବର ଚତୁର୍ଥ ଦିବସରେ ପୂର୍ବତନ ମନ୍ତ୍ରୀ ତଥା ଜଟଣୀ ବିଧାୟକ ସୁରେଶ ରାଉତରାୟ ମୁଖ୍ୟଅତିଥି, ଦୈନିକ 'ପର୍ଯ୍ୟବେକ୍ଷକ' ଓ ଦି କଳିଙ୍ଗ କ୍ରୋନିକିଲ ର ମୁଖ୍ୟ ସମ୍ପାଦକ ତଥା ରାଷ୍ଟ୍ରୀୟ ପତ୍ରକାର ମହାସଂଘର ରାଷ୍ଟ୍ରୀୟ ସଭାପତି ଡକ୍ଟର ପବିତ୍ରମୋହନ ସାମନ୍ତରାୟ ମୁଖ୍ୟବକ୍ତା ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଆୟୋଜକମାନଙ୍କର ଭୂୟଶୀ ପ୍ରଶଂସା କରିବା ସହ କୁମାର ଉତ୍ସବ ପାଳନ ତଥା ପଲ୍ଲିଶ୍ରୀ ମେଳା ଆୟୋଜନ ବିଷୟରେ ଆଲୋକପାତ କରିଥିଲେ। ରାମ ନାରାୟଣ ମହାନ୍ତି ଓ ଓୟୁଡବ୍ଲୁଜେର ସଭାପତି ସଞ୍ଜୟ ଦାସ ସମ୍ମାନନୀୟ ଅତିଥି ଭାବେ ଯୋଗଦେଇଥିଲେ। ଭୁବନେଶ୍ୱର ବିକାଶ ମଞ୍ଚର ସଭାପତି ପ୍ରଫେସର ବିଜୟ କୁମାର ମହାନ୍ତିଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ଆୟୋଜକ କମିଟର ସମସ୍ତ ସଭ୍ୟ/ସଭ୍ୟା ମାନଙ୍କୁ ଅତିଥିମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ବିକାଶ ମଞ୍ଚର ସାଧାରଣ ସମ୍ପାଦକ ରଜନୀକାନ୍ତ ସାମନ୍ତରାୟ ଧନ୍ୟବାଦ ଅର୍ପଣ କରିଥିଲେ।

## ରବି ଟକିଜରେ ଚାଲିଥିଲା ସେକ୍ସ ରାକେଟ୍, ଖବର ପାଇଁ ସ୍ପାରେ ରେଡ୍ କଲା ପୋଲିସ

ଭୁବନେଶ୍ୱର,୧୯।୧୦(ପି.ଏନ): ସକାଳୁ ସକାଳୁ ରାଜଧାନୀର ଏକ ସେଲୁନରେ ଚାଲିଥିଲା ଦେହ ବେପାର । ଖବର ପାଇ ମାଡିବସିଲା ପୋଲିସ୍ । ରବି ଟକିଜ୍ ଛକର ଏକ ସେଲୁନ ଆଣ୍ଡ ସ୍ପାରେ ପୋଲିସ ରେଡ କରିଥିବା ବେଳେ ଯୁବକ ଏବଂ ଯୁବତୀ ଧରାପଡିଛନ୍ତି। ସେଲୁନରେ ଅନୈତିକ କାର୍ଯ୍ୟକଳାପ ନେଇ ଖବର ପାଇ ଚଢ଼ାଉ କରିଥିଲା ବଡଗଡ ପୋଲିସ । ତେବେ ଜଣେ ଯୁବକଙ୍କ ସହିତ ୨ଜଣ ଯୁବତୀ ଧରାପଡିଛନ୍ତି । ମାଡ ମାରିବା ସହିତ ଖରାପ କାମ କରିବା ପାଇଁ ଯୁବତୀଙ୍କୁ ବାଧ କରାଯାଉଥିବା ସୂଚନା ପାଇଛି ପୋଲିସ୍ । ଯୁବତୀ ବଞ୍ଚିବା ପାଇଁ ଚିତ୍କାର କରୁଥିବା ବେଳେ ତାଙ୍କୁ ଉଦ୍ଧାର କରାଯାଇଛି । ତେବେ ରେଡ୍ କରିବା ପରେ ବହୁ ଆପତ୍ତିଜନକ ଜିନିଷ ଜବତ କରାଯାଇଛି । ଆହତ ଯୁବତୀଙ୍କୁ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି ସ୍ପାରେ ତାଲା ପକାଇ ଦେଇଛି ପୋଲିସ ।

# ପ୍ରିୟଙ୍କା ଗାନ୍ଧି ଭଦ୍ରାଙ୍କୁ ଟକ୍କର ଦେବେ ବିଜେପିର ନାଭ୍ୟା ହରିଦାସ

ଭୁବନେଶ୍ୱର,୧୯।୧୦(ପି.ଏନ): ପ୍ରଥମଥର ପ୍ରତ୍ୟେକ୍ଷ ନିର୍ବାଚନ ଲଢୁଥିବା କଂଗ୍ରେସ ମହାସଚିବ ପ୍ରିୟଙ୍କା ଗାନ୍ଧି ଭଦ୍ରାଙ୍କ ବିରୋଧୀ ପ୍ରାର୍ଥୀ ଘୋଷଣା କରିଛି ବିଜେପି। କଂଗ୍ରେସ ପ୍ରିୟଙ୍କା ଗାନ୍ଧିଙ୍କୁ କେରଳରେ ୱାୟନାଡ ଲୋକସଭା ଆସନ ପାଇଁ ଅନୁଷ୍ଠିତ ହେବାକୁ ଥିବା ଉପ ନିର୍ବାଚନରେ ପ୍ରାର୍ଥୀ କରିଛି। ଏବେ ତାଙ୍କୁ ଏଠାରେ ଟକ୍କର ଦେବାକୁ ବିଜେପି ନାଭ୍ୟା ହରିଦାସଙ୍କୁ ଟିକେଟ ଦେଇଛି। ନାଭ୍ୟାଙ୍କୁ ପ୍ରାର୍ଥୀ କରି ଦଳ ୱାୟନାଡରେ ବିଜୟୀ ହେବାକୁ ଆଶା ରଖିଛି ।ନାଭ୍ୟା ହେଉଛନ୍ତି କେରଳ ବିଜେପି ମହିଳା ମୋର୍ଚ୍ଚାର ସାଧାରଣ ସମ୍ପାଦକ। ସେ ଦୁଇ ଥର କୋଝିକୋଡେରୁ କାଉନସିଲର ହୋଇଛନ୍ତି। ବିଜେପି ସଂସଦୀୟ ଓ କର୍ପୋରେସନର ସଦସ୍ୟ। ୨୦୨୧ କେରଳ ବିଧାନସଭା ନିର୍ବାଚନରେ ସେ କୋଝିକୋଡେରୁ ଏନଡିଏର ପ୍ରାର୍ଥୀ ହୋଇଥିଲେ। ହେଲେ ତାଙ୍କୁ ପରାସ୍ତ ହେବାକୁ ପଡିଥିଲା।



## ସର୍ଜରୀ ବେଳେ ଡାକ୍ତର ଛାଡିଥିଲେ କଇଁଚି, ୧୨ ବର୍ଷ ପରେ ମହିଳାଙ୍କ ତଳି ପେଟରୁ ବାହାରିଲା

ଭୁବନେଶ୍ୱର,୧୯।୧୦(ପି.ଏନ): ଭୋଗୁଥିବା ଯନ୍ତ୍ରଣାର ଉପଶମ ପାଇଁ ଡାକ୍ତରଙ୍କ ପାଖକୁ ଯାଇଥିଲେ। ଡାକ୍ତର ସର୍ଜରୀ ଦ୍ୱାରା ମହିଳାଙ୍କର ଆପେଣ୍ଡିକ୍ସ କା?ିଥିଲେ। ତେବେ ସିକ୍କିମର ମହିଳା ଜଣଙ୍କ ଅପରେସନ ପରେ ମଧ ଯନ୍ତ୍ରଣାରୁ ମୁକ୍ତି ପାଇ ନଥିଲେ ।ମାସେ କି ବର୍ଷେ? ନୁହେଁ, ଦୀର୍ଘ ୧୨ ବର୍ଷ ଧରି ତାଙ୍କୁ ଏପରି ଯନ୍ତ୍ରଣା ଭୋଗିବାକୁ ପଡିଥିଲା। ଅନେକ ଡାକ୍ତରଙ୍କୁ ସେ ନିଜର ଚିକିତ୍ସା କରିବାକୁ କହିଥିଲ ହେଁ କିଛି ବି ଲାଭ ମିଳି ନଥିଲା ।ତେବେ ଏହା ପଛର କାରଣ କ'ଣ? କାହିଁକି ଅନେକ ଚିକିତ୍ସା ପରେ ମଧ ମହିଳାଙ୍କୁ ମିଳୁ ନଥିଲା ଉପଶମ? ଏସବୁ ପ୍ରଶ୍ନର ଉତ୍ତର ଚଳିତ ମାସରେ ହିଁ ମିଳିଛି। ଡାକ୍ତର ତାଙ୍କ ଯନ୍ତ୍ରଣାର କାରଣ ଜାଣି ପାରିଛନ୍ତି। ଯନ୍ତ୍ରଣାର କାରଣ ଜାଣିବା ପରେ ମହିଳା ଓ ତାଙ୍କ ପରିବାର ସମେତ ସେ ଚିକିତ୍ସା ପାଇଁ ଯାଇଥିବା ଡାକ୍ତର ପୂରା ଚକିତ ହୋଇ ଯାଇଛନ୍ତି।

# ବାତ୍ୟା ଆକଳନ ହୋଇନି: କିନ୍ତୁ ପ୍ରବଳ ବର୍ଷା ହେବ !

ଭୁବନେଶ୍ୱର,୧୯।୧୦(ପି.ଏନ): ବାତ୍ୟାପ୍ରବଣ ମାସରେ ବଦଳୁଛି ପାଣିପାଗର ଗତିବିଧି। କେନ୍ଦ୍ରୀୟ ଆଣ୍ଡାମାନ ସାଗରରେ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇ ଏବେ ସମ୍ଭାବ୍ୟ ଲଘୁଚାପ ମୁହାଁ ହେଉଛି। ଯାହା ଅବପାତର ରୂପ ନେଇ ୨୩ ତାରିଖରୁ ଉପକୂଳ ଓଡିଶାରେ ବର୍ଷା କରାଇବ। ଏସବୁ ଭିତରେ କିଛି ବିଦେଶୀ ମଡେଲର ପୂର୍ବାନୁମାନ, ବାତ୍ୟା ଆଶଙ୍କାକୁ ବ?ାଇ ଦେଇଛି ।ନାନା ଆଶଙ୍କା ଆଉ ନାନା ଚର୍ଚ୍ଚା ଭିତରେ କେନ୍ଦ୍ରୀୟ ଆଣ୍ଡାମାନ ସାଗର ଉପରେ ଭାସମାନ ମେଘ ଖଣ୍ଡ ବ?ିଇଲାଣି ଆଶଙ୍କା। କାରଣ ଏଠାକାର ବାୟୁମଣ୍ଡଳର ଉପରି ଭାଗରେ ୫.୮ କିଲୋମିଟର ଯାଏଁ ବ୍ୟାପିଛି ଘୂର୍ଣ୍ଣିବଳୟ। ଦିନକ ପରେ ଅର୍ଥାତ ଆସନ୍ତା ୨୧ ତାରିଖ ବେଳକୁ ବଙ୍ଗୋପସାଗରରେ ସୃଷ୍ଟି ହେବ ଲଘୁଚାପ କ୍ଷେତ୍ର। ଯାହା ଉତ୍ତର ପଶ୍ଚିମ ଦିଗକୁ ଗତି କରି ୨୩ ତାରିଖରେ ଅବପାତର ରୂପ ନେବ ବୋଲି କହିଛନ୍ତି ଭାରତୀୟ ପାଣିପାଗ ବିଭାଗର ମହାନିର୍ଦ୍ଦେଶକ ଡକ୍ଟର ମୃତ୍ୟୁଞ୍ଜୟ ମହାପାତ୍ର।



# ଚେତାବନୀ ପରେ ଡାକ୍ତରଙ୍କ ସହ କଥା ହେଲେ, ଅନଶନ ପ୍ରତ୍ୟାହାର ପାଇଁ ଅନୁରୋଧ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୯।୧୦(ପି.ଏନ): ଆନ୍ଦୋଳନରତ ଡାକ୍ତରଙ୍କ ସହ ଚାଲିଥିବା ଅଚଳାବସ୍ଥା ଦୂର କରିବା ପାଇଁ ଉଦ୍ୟମ କରିଛନ୍ତି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ। ଆଜି ସେ ଆନ୍ଦୋଳନରତ ଡାକ୍ତରଙ୍କୁ ବୁଝାଇବା ପାଇଁ ଫୋନରେ ସେମାନଙ୍କ ସହ କଥା ହୋଇଛନ୍ତି। କଥା ହେବା ବେଳେ ସେ ଡାକ୍ତରମାନଙ୍କୁ ଆମରଣ ଅନଶନ ପ୍ରତ୍ୟାହାର ପାଇଁ ଅନୁରୋଧ କରିଛନ୍ତି। ମମତାଙ୍କ କହିବା କଥା ଯେ ଆନ୍ଦୋଳନ କରୁଥିବା ଡାକ୍ତରଙ୍କ ସବୁ ଦାବିକୁ ପୂରଣ କରାଯାଇଛି। ଗୋଟିଏକୁ ଛାଡି ଅନ୍ୟ ସବୁ ଦାବି ପୂରଣ ପାଇଁ ପଦକ୍ଷେପ ନିଆଯାଇଛି ।ସୋମବାର ମମତା ବାନାର୍ଜୀ ଡାକ୍ତରମାନଙ୍କୁ ଦେଖା କରିବାକୁ କହିଛନ୍ତି। କିନ୍ତୁ ସ୍ୱାସ୍ଥ୍ୟ ସଚିବ ଏନଏସ ନିଗମଙ୍କୁ ହଟାଇବେ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି। ଆନ୍‌ଦୋଳନ କରୁଥିବା ଜୁନିୟର ଡାକ୍ତରଙ୍କ ମଧ୍ୟରୁ କିଛି ଜଣ ଅକ୍ଟୋବର ୫ରୁ କୋଲକାତାର ଏସପ୍ଲାନେଡ ଅଞ୍ଚଳରେ ଆମରଣ ଅନଶନ କରୁଛନ୍ତି।

# ମନ୍ଦିରରୁ ଫେରିବା ବେଳେ ନଦୀକୁ ଖସିଲା ଶ୍ରଦ୍ଧାଳୁଙ୍କ ବସ୍, ମର୍ମନ୍ତୁଦ ଦୁର୍ଘଟଣାରେ ୩ ଜଣଙ୍କ ମୃତ୍ୟୁ

ନୂଆଦିଲ୍ଲୀ, ୧୯।୧୦(ପି.ଏନ): ଉତ୍ତରପ୍ରଦେଶର ସିଦ୍ଧାର୍ଥନଗର ଜିଲ୍ଲାର ମୋହନକୋଲା ଗାଁରେ ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣା ଘଟିଛି। ଦେବୀପାଟନ ମନ୍ଦିରରୁ ଫେରୁଥିବା ସମୟରେ ନଦୀରେ ବସଟି ଓଲଟି ପଡିଥିଲା। ଏହି ଦୁର୍ଘଟଣାରେ ହାରାହାରି ୫୦ ରୁ ଅଧିକ ଯାତ୍ରୀ ଆହତ ହୋଇଛନ୍ତି ଏବଂ ୩ଜଣ ବ୍ୟକ୍ତିଙ୍କର ମୃତ୍ୟୁ ଘଟିଛି। କୁହାଯାଉଛି ଯେ, ଏହି ବସରେ ଯାତ୍ରା କରୁଥିବା ଲୋକେ ମୁଣ୍ଡନ କାର୍ଯ୍ୟକ୍ରମରେ ଯାଇଥିଲେ ଏବଂ ଫେରିବା ସମୟରେ ଏହି ଦୁର୍ଘଟଣା ଘଟିଛି। ବସରେ ଯାତ୍ରୀଙ୍କ ସଂଖ୍ୟା ଅଧିକ ଥିଲା, ଯେଉଁ କାରଣରୁ ଦୁର୍ଘଟଣାର ଗଭୀରତା ବଢିଯାଇଛି ।ଏହି ଦୁର୍ଘଟଣାକୁ ନେଇ ସିଦ୍ଧାର୍ଥନଗର ଜିଲ୍ଲାଧିକାରୀ ଡା. ରାଜଗଣପତି ଆର. କହିଛନ୍ତି ଯେ, ଶାରଦା ନଦୀରେ ଖସିଥିବା ବସରେ ମୋହନ କୋଲା ଗାଁ ପାଖାପାଖି ୫୫ ଜଣ ଲୋକେ ଯାତ୍ରୀ ଥିଲେ। ଆଖପାଖ ଗାଁର ଲୋକେ ଏବଂ ପୋଲିସ ଟିମ ଉଦ୍ଧାର କାର୍ଯ୍ୟ ଚଳାଇଛନ୍ତି ।ଏହି ଦୁର୍ଘଟଣାରେ ୨ଜଣଙ୍କ ମୃତ୍ୟୁ ହୋଇଛି ଏବଂ ଅନ୍ୟ ୨ଜଣ ଜିଲ୍ଲା ହସ୍ପିଟାଲରେ ଭର୍ତ୍ତି କରାଯାଇଛି, ଏହି ଘଟଣାରେ ୨୨ ଜଣ ଆହତ ହୋଇଛନ୍ତି।



# ପ୍ରକାଶ ପାଇଲା ଓଏଏସ ରେଜଲ୍ଟ; ଶ୍ୱେତାଶ୍ରୀ ମହାପାତ୍ର ଟପ୍ପର

ଭୁବନେଶ୍ୱର,୧୯।୧୦(ପି.ଏନ): ଆଜି ପ୍ରକାଶ ପାଇଲା ୨୦୨୨ ମସିହାର ଓଏଏସ୍ ରେଜଲ୍ଟ। ମୋଟ୍ ୬୮୩ ଜଣ ପରୀକ୍ଷାର୍ଥୀ କୃତକାର୍ଯ୍ୟ ହୋଇଛନ୍ତି। ଟପ୍ ଟେନ୍‌ରେ ୫ ମହିଳା ଓ ୫ ପୁରୁଷ ରହିଛନ୍ତି। ଶ୍ୱେତାଶ୍ରୀ ମହାପାତ୍ର ଓଏଏସ୍ ଟପ୍ପର ହୋଇଛନ୍ତି ।ଦ୍ୱିତୀୟ ସ୍ଥାନରେ ପ୍ରିଙ୍କିଲ ପରବୀନ ପରିଡା, ତୃତୀୟ ସ୍ଥାନରେ ଦୀପ୍ତିରଞ୍ଜନ ପତି, ଚତୁର୍ଥ ସ୍ଥାନରେ ପ୍ରଜ୍ଞା ପାରଙ୍ଗମ, ପଞ୍ଚମ ସ୍ଥାନରେ ଆଜାଦ ସାହୁ, ଷଷ୍ଠ ସ୍ଥାନରେ ଦୀପମ ରାଉତ, ସପ୍ତମ ସ୍ଥାନରେ ଦେବବ୍ରତ ଗୌଡ, ଅଷ୍ଟମ ସ୍ଥାନରେ ଆଦିତ୍ୟ ଦୀପଙ୍କର ଷଡଙ୍ଗୀ, ନବମ ସ୍ଥାନରେ କପିଳ କୁମାର ମହାନ୍ତି ଓ ଦଶମ ସ୍ଥାନରେ ଅମ୍ରିତା ସାହୁ ରହିଛନ୍ତି।










# ଟି ଟାଇମ୍

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ । ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ ।

## ୧୦୬୮ ଟଙ୍କାର କିଟ୍‌କାଟ୍

ଯଦି ଆପଣ ଚକୋଲେଟ୍ ଖାଇବାର ସୌଖୀନ୍ ତେବେ ଆପଣଙ୍କ ପାଇଁ ଏକ ବଡ଼ ଖୁସି ଖବର । ପ୍ରସିଦ୍ଧ କମ୍ପାନୀ ନେସ୍‌ଲେ ଜାପାନରେ ଗୋଟିଏ ନୂଆ ପ୍ରଡ଼କ୍ଟ ଲଞ୍ଚ କରିଛନ୍ତି । ଏହି ପ୍ରଡ଼କ୍ଟ ହେଉଛି ଗୋଟିଏ ଚକୋଲେଟ୍ । କିନ୍ତୁ ଏହା ଏକ ସାଧାରଣ ଚକୋଲେଟ୍ ନୁହେଁ । ସୁନାରେ ପ୍ରସ୍ତୁତ ଚକୋଲେଟ୍ । ନେସ୍‌ଲେ ଏହି ଚକୋଲେଟ୍‌ର ଉତ୍ପାଦନ କମ୍ପାନୀର ଚକଲେଟ୍ରୀ ବୁଟିକ୍ ପାଇଁ କରିଛନ୍ତି । ଏହାକୁ ଖାଇବା ଯୋଗ୍ୟ କରିବା ପାଇଁ ସେଥିରେ ସୁନାରେ ପତଳା କୋର୍ଟ ଦିଆଯାଇଛି । ଏବେ ଚକୋଲେଟ୍‌କୁ ୱାନ୍ ଫିଙ୍ଗର କିଟ୍‌କାଟ୍ ଚକୋଲେଟ୍ ଆକାରରେ ଲଞ୍ଚ କରାଯାଇଛି । ମିଳିଥିବା ସୂଚନା ଅନୁଯାୟୀ କମ୍ପାନୀ ଡିସେମ୍ବରର ଶେଷ ଆଡ଼କୁ ୫୦୦ ଚକୋଲେଟ୍‌କୁ ଜାପାନ୍‌ର ୮ଟି କିଟ୍‌କାଟ୍ ବୁଟିକ୍‌ରେ ବିକ୍ରି କରିବେ



। ସୁନାର ପରସ୍ତ ପଡ଼ିଥିବା ଏହି ଚକୋଲେଟ୍‌ର ଜାପାନ ମୂଲ୍ୟ ୨,୦୧୬ୟେନ୍ (୧୬ଡଲାର) ଦାମରେ ବିକ୍ରି କରାଯିବ । ଯାହାର ଭାରତୀୟ ମୂଲ୍ୟ ୧.୦୬୮ଟଙ୍କା ହେବ । ଜାପାନରେ ନେସଲେ ୩୦ପ୍ରକାରର କିଟ୍‌କାଟ୍ ବିକ୍ରି କରିଥାଏ ।

# ପୁରାଣ କାହାଣୀ

## ହଜିଯାଇଥିବା ଜିନିଷ ଖୋଜି ଆଣିବ ସୁଦର୍ଶନ ଚକ୍ର



ଜୀବନରେ କୌଣସି ଜିନିଷ ହଜିଯିବା, କେଉଁଠି ରଖି ଭୁଲିଯିବା, ହଜିଯାଇଥିବା ଜିନିଷ ଖୋଜିଲେ ନ ମିଳିବା ଆଦି ସମସ୍ୟା ସ୍ୱାଭାବିକ୍ ଭାବେ ଘଟିଥାଏ । ଯାହା ମନକୁ ଭାରାକ୍ରାନ୍ତ କରିଦିଏ । ଏଭଳି ପରିସ୍ଥିତିରେ କାର୍ତ୍ତବିର୍ୟାର୍ଜୁନ୍ ରାଜା ଯିଏ ହେୟ ବଂଶର ତଥା ଭଗବାନ ବିଷ୍ଣୁଙ୍କ ସୁଦର୍ଶନ ଚକ୍ରର ଅବତାର ବୋଲି କୁହାଯାଇଥାଏ । ତାଙ୍କର ସାଧନା କରିବା ଦ୍ୱାରା ଏହି ସବୁ ସମସ୍ୟାରୁ ତୁରନ୍ତ ମୁକ୍ତି ମିଳିଥାଏ । ପୁରାଣରେ ବର୍ଣ୍ଣିତ ହୋଇଛି ଯେ ସୁଦର୍ଶନ ଚକ୍ର ଯେ କୌଣସି ଦିଗକୁ ଯାଇ ହଜିଥିବା ଜିନିଷ ଖୋଜି ଆଣିବାରେ ସାହାଯ୍ୟ କରିଥାଏ । ଏହାର ସାଧନା ପାଇଁ ଦୀପ ଜଳାଇ ପୂର୍ବ ଅଥବା ଉତ୍ତର ଦିଗ ପଟକୁ ମୁହଁ କରି ବସନ୍ତୁ । ହଜିଯାଇଥିବା ଜିନିଷକୁ ଭାବନାରେ ଆଣି ଭଗବାନ ବିଷ୍ଣୁଙ୍କର ସୁଦର୍ଶନ ରୂପକୁ ସ୍ମରଣ କରି ଧ୍ୟାନ କରନ୍ତୁ ।

## ନ୍ୟୁଡ ସେଲଫି ବଦଳରେ ମିଳୁଛି ଋଣ

ବେଙ୍କିଂ ସାଧାରଣତଃ ଋଣ ପ୍ରଦାନ ସମୟରେ ବ୍ୟାଙ୍କ କର୍ତ୍ତୃପକ୍ଷ ଘର କିମ୍ବା ଜମି ପଟ୍ଟାକୁ ବନ୍ଧକ ରଖିଥାନ୍ତି । ହେଲେ ଚୀନର ଏକ ବ୍ୟାଙ୍କ ଗ୍ୟାରେଣ୍ଟି ବାବଦରେ ଝିଅଙ୍କ ଅଶ୍ଳିଳ ଫଟୋକୁ ଗ୍ରହଣ କରୁଛି । ସର୍ତ୍ତ ରହିଛି ଯଦି ସଠିକ ସମୟରେ ଋଣ ପରିଶୋଧ କରାନଯାଏ ତେବେ ଏହି ଫଟୋକୁ ସାର୍ବଜନୀନ କରାଯିବ । ଚୀନରେ ଜିଏଦାଇବାଓ ନାମକ ଏକ କମ୍ପାନୀ ଲୋକଙ୍କୁ ବ୍ୟବସାୟ ଏବଂ ଆବଶ୍ୟକୀୟ ସାମଗ୍ରି କ୍ରୟ ପାଇଁ ଅନଲାଇନରେ ଋଣ ପ୍ରଦାନ କରୁଛି । ତେବେ ଋଣ ପାଇଁ ଗ୍ୟାରେଣ୍ଟର ଭାବେ ଝିଅ ପିଲାଙ୍କୁ ଅନଲାଇନରେ ନ୍ୟୁଡ ଫଟୋ ଦେବାକୁ କୁହାଯାଉଛି । ଏଥିରେ ଝିଅମାନେ ନିଜ ପରିଚୟ ପତ୍ର ସହ ଫଟୋ ଦେଉଛନ୍ତି । କୁହାଯାଇଛି ଯେ ଯଦି ସଠିକ ସମୟରେ ଋଣ ଅର୍ଥ ପୈଠ ନହୁଏ ତେବେ ଏହି ଫଟୋ ପରିବାର ଏବଂ ପରିଚିତ ଲୋକମାନଙ୍କୁ ପଠାଇବା ସହ ସୋସିଆଲ ସାଇଟରେ ମଧ୍ୟ ସେୟାର କରାଯିବ । କମ୍ପାନୀଟି ୩୦% ସାପ୍ତାହିକ ସୁଧରେ ଏହି ଅର୍ଥ ଆବଶ୍ୟକୀୟ ଲୋକଙ୍କୁ ପ୍ରଦାନ କରୁଛି । ମିଳିଥିବା ସୂଚନା ଅନୁସାରେ ଏହି କମ୍ପାନୀଟି ଅଦ୍ୟାବଧି ୧୬୦ଜଣ ଝିଅଙ୍କ ଫଟୋକୁ ସୋସିଆଲ ସାଇଟରେ ଛାଡି ସାରିଲେଣି । ଘଟଣାକୁ ନେଇ ବିଶ୍ୱବ୍ୟାପୀ ତୀବ୍ର ପ୍ରତିକ୍ରିୟା ଆରମ୍ଭ ହୋଇଥିଲା ବେଳେ କମ୍ପାନୀକୁ ବନ୍ଦ କରିବା ପାଇଁ ଦାବି ତେଜିଲାଣି ।



## ଖାତାକୁ ଆସିଲା ୩୧କୋଟି, ଗହଣା ଏବଂ କପଡ଼ା ପାଇଁ କରିଦେଲେ ଖର୍ଚ୍ଚ

ସିଡନୀ ଭାରତରେ ନୋଟବନ୍ଦ ନିଷ୍ପତ୍ତି କାରଣରୁ ଅନେକ କଳାଧନକୁ ଧଳା କରିବା ପାଇଁ ଅନ୍ୟମାନଙ୍କ ଆକାଉଣ୍ଟରେ ଅର୍ଥ ଜମା କରୁଥିବା ଘଟଣା ଏବେ ଦେଖିବାକୁ ମିଳୁଛି । ସେହିପରି ଭୁଲରେ ମଧ୍ୟ ବ୍ୟାଙ୍କ ଅଧିକାରୀମାନେ ଜଣଙ୍କ ସ୍ଥାନରେ ଅନ୍ୟଜଣଙ୍କ ଆକାଉଣ୍ଟରେ ଟଙ୍କା ଜମା କରିଦେଉଛନ୍ତି । ବ୍ୟାଙ୍କର ଏହି ତ୍ରୁଟି ଯୋଗୁ ଜଣେ ଛାତ୍ରଙ୍କୁ କୋର୍ଟର ଚକ୍କର କାଟିବାକୁ ପଡିଛି । ମାମଲାଟି ୨୦୧୨ ମସିହାର । ବ୍ୟାଙ୍କ ପକ୍ଷରୁ ଭୁଲରେ ମାଲେସିଆର ଜଣେ ୨୧ବର୍ଷିୟ ଛାତ୍ରୀ କ୍ରିଷ୍ଟିନାଙ୍କ ଖାତାକୁ ଆସିଥିଲା ୩୧କୋଟି ଟଙ୍କା । ୨୦୧୪ ଜୁଲାଇ ମାସରେ ଏ ସମ୍ପର୍କରେ କ୍ରିଷ୍ଟିନା ଜାଣିପାରିଥିଲେ । ପରେ ଏହି ଟଙ୍କାରେ ସେ ଗହଣା,ପ୍ରଶାଧନ ସାମଗ୍ରିଓ ଅନ୍ୟାନ୍ୟ ଅତ୍ୟାବଶ୍ୟକ ଜିନିଷ କ୍ରୟ କରିଥିଲେ । ଏପରିକି ଗୋଟିଏ ଦିନ ସେ ଦେଢକୋଟି ଟଙ୍କାର କିଣାବିକା କରିଥିଲେ । ଗତବର୍ଷ ଏହି ତ୍ରୁଟି ସମ୍ପର୍କରେ ବ୍ୟାଙ୍କ କର୍ତ୍ତୃପକ୍ଷ ଅବଗତ ହେବାପରେ କ୍ରିଷ୍ଟିନାଙ୍କୁ ଫୋନ କରି ତୁରନ୍ତ ଟଙ୍କା ଫେରାଇବା ପାଇଁ ଅନୁରୋଧ କରିଥିଲେ । ହେଲେ କ୍ରିଷ୍ଟିନା କହିଥିଲେ ଯେ ମୁଁ ଭାବିଥିଲି ଏହି ଟଙ୍କା ମୋତେ ମୋ ବାପା ପଠାଇଛନ୍ତି । ପରେ ଘଟଣାଟି କୋର୍ଟରେ ପହଞ୍ଚିଥିଲା । ଗତ ମଙ୍ଗଳବାର ଦିନ ଡାଉନିଂ ସେଣ୍ଟର କୋର୍ଟରେ କ୍ରିଷ୍ଟିନା ଉପସ୍ଥିତ ହୋଇ ନିଜ ଯୁକ୍ତି ରଖିଥିଲେ । ପରେ ଏହି ମାମଲାରେ କୋର୍ଟ ତାଙ୍କୁ ସମ୍ମାନର ସହ ମୁକ୍ତି କରିଛି ।



# ଆଜିର ଭାଗ୍ୟ

**ମେଷ** — କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ । ଆନୁଷ୍ଠାନିକ କାମରେ ସଫଳତା ପାଇବେ । ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ । ପରିବହନରେ ଉନ୍ନତି କରିବେ । ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ ।

**ବୃଷ** — ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ । ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି । ସ୍ଥଗିତ କାମକୁ ତ୍ୱରାନିତ କରିବେ । ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ । ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି ।

**ମିଥୁନ** — କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି । ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନ କରିବେ । ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ । ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ ।

**କର୍କଟ** — ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ । ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ । ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ ।

**ସିଂହ** — ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ । କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି । ବକେୟା ଟଙ୍କା ମିଳିବାର ଯୋଗ ରହିଛି । ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ ।

**କନ୍ୟା** — ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ । ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ । ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ । ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ ।

**ତୁଳା** — ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ । ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ । ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ ।

**ବିଛା** — ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ । ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ । ବିବାଦୀୟ ପରିସ୍ଥିତିରେ ଦୃଢ଼ ମୁକାବିଲା କରିବେ । ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ ।

**ଧନୁ** — ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ । ଶାରୀରିକ ଅସୁସ୍ଥତା ଫେରି ପାଇବ । ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ । ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି । ମହିଳାଙ୍କ ମନୋବଳ ଦୃଢ଼ ରହିବ ।

**ମକର** — କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ । ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ । ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ । ମହିଳାମାନେ ଅଶାନ୍ତି ରହିବେ ।

**କୁମ୍ଭ** — ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ । ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ । ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ । ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ ।

**ମୀନ** — କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ । ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ । ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ । ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ ।

## ଭୂତଙ୍କ ମେଳା



ମେଳା ତ ଅନେକ ରହିଥାଏ । ମେଳାକୁ ଆକର୍ଷଣୀୟ କରିବା ପାଇଁ କେତେକ ସ୍ଥାନରେ ଗୋରୁଗାଈ ତ ଆଉ କେଉଁଠି କଣ୍ଢେଇ, ଖେଳନାମାନ ବିକ୍ରି କରାଯାଇଥାଏ । ହେଲେ ଭୂତମାନଙ୍କୁ ନେଇ କେବେ କୌଣସି ମେଳା ହେଉଥିବା ବିଷୟରେ ଶୁଣିଛନ୍ତି । କିନ୍ତୁ ଏପରି ଏକ ମେଳା ମିର୍ଜାପୁରର କୋହରୋରାର ବରହି ଗ୍ରାମରେ ବେଚୁବୀର ବାବାଙ୍କ ସମାଧି ଉପରେ ହୋଇଥାଏ । ଏହି ମେଳାରେ ଭୂତ, ପ୍ରେତ ଏବଂ ଡାହାଣୀମାନଙ୍କର ମେଳା ହୋଇଥାଏ । ଅନ୍ଧବିଶ୍ୱାସ ସହିତ ଜଡ଼ିତ ଏହି ମେଳାରେ ଭୂତ-ପ୍ରେତଙ୍କ ପ୍ରକୋପରୁ ଲୋକମାନଙ୍କୁ ମୁକ୍ତି ଦିଆଯାଇଥାଏ । ଅନ୍ଧବିଶ୍ୱାସର ଏ ସମସ୍ତ ଖେଳ ସ୍ଥାନୀୟ ପୋଲିସ କର୍ମଚାରୀମାନଙ୍କ ସାମ୍ନାରେ ହୋଇଥାଏ । ଏହି ମେଳା ୩୫୦ବର୍ଷରୁ ହୋଇଆସିଲାଣି । ଅନ୍ଧବିଶ୍ୱାସର ଏହି ମେଳାରେ ଅଭିଯୋଗ ନେଇ ମଣିଷମାନେ ଆସିଥାନ୍ତି । ଯଦି କୌଣସି ବ୍ୟକ୍ତିଙ୍କ ଉପରେ ଭୂତ କିମ୍ବା ପ୍ରେତଙ୍କର ପ୍ରଭାବ ରହିଥାଏ ତେବେ ତାଙ୍କୁ ଏହି ସଂକଟରୁ କେବଳ ବେଚୁବିର ବାବା ହିଁ ମୁକ୍ତ କରିପାରିବେ । ଏଠାକୁ ଅନେକ ଦୂର ଦୂରାନ୍ତରୁ ଲୋକମାନେ ଚିକିତ୍ସା କରିବା ପାଇଁ ଆସିଥାନ୍ତି । ବେଚୁ ବାବାଙ୍କ ସମାଧିର ଦେଖାଶୁଣା ତାଙ୍କର ଏହି ଛଅ ବଂଶଜ କରିଥାନ୍ତି । ଏଠାରେ ଭୂତ-ପ୍ରେତଙ୍କ ବ୍ୟତୀତ ନିଃସନ୍ତାନ ଲୋକମାନେ ମଧ୍ୟ ଆସିଥାନ୍ତି ।

## ସନ୍ତାନ ଓ ଚାକିରି ଛାଡ଼ି ଆଇଏସ ବିରୋଧରେ ବନ୍ଧୁକ ଉଠାଇଲେ ମହିଳା

ସିରିୟାର ବେବିଲୋନିଆ ତାଙ୍କର ଦୁଇ ସନ୍ତାନ



ଓ ହେୟାର ଡ୍ରେସର ଚାକିରି ଛାଡି ଦୁର୍ଦ୍ଧର୍ଷ ଆତଙ୍କବାଦୀ ସଂଗଠନ ଆଇଏସଆଇଏସ ବିରୋଧରେ ବନ୍ଧୁକ ଉଠାଇଛନ୍ତି । ସେ ଆଇଏସ ବିରୋଧରେ ଲଢୁଥିବା ଖ୍ରୀଷ୍ଟିଆନ ଫିମେଲ ପ୍ରୋଟେକସନ ଗ୍ରୁପରେ ସାମିଲ ହୋଇଛନ୍ତି । ୩୬ ବର୍ଷୀୟା ବେବିଲୋନିଆ ସିରିୟାର ଉତ୍ତର-ପୂର୍ବରେ ହଶକାହ ପ୍ରଦେଶରେ ଖ୍ରୀଷ୍ଟିଆନ ସଂଖ୍ୟାଲଘୁ ସଂପ୍ରଦାୟର ମହିଳା । ଏହି ଗ୍ରୁପରେ ୫୦ ମହିଳା ଅଛନ୍ତି ଏବଂ ଏମାନଙ୍କ ପ୍ରଶିକ୍ଷଣ ଶିବିର ସିରିୟାର ଅଲ-କହତନିଏ ସହରରେ ରହିଛି । ବେବିଲୋନିଆ କହିଛନ୍ତି ପିଲାଙ୍କ ଭବିଷ୍ୟକୁ ସୁରକ୍ଷିତ କରିବା ପାଇଁ ସେ ଆଇଏସଆଇଏସ ବିରୋଧରେ ଅସ୍ତ୍ର ଉଠାଇଛନ୍ତି । ସିରିୟାରେ ୮୯ହଜାର ଖ୍ରୀଷ୍ଟିଆନ ବସବାସ କରୁଥିଲେ ହେଁ ଆଇଏସ ଆତଙ୍କବାଦୀଙ୍କ ଭୟରେ ଏମାନଙ୍କ ସଂଖ୍ୟା ଦ୍ରୁତ ହ୍ରାସ ପାଉଛି ।

## ସୁନ୍ଦର ଆଖି

ମଣିଷ ଶରୀରରେ ଆଖି ହେଉଛି ସବୁଠାରୁ ସୁନ୍ଦର ଭାଗ । ଯାହା ଆପଣଙ୍କ ସୁନ୍ଦରତାକୁ ଆହୁରି ବଢାଇ ଦେଇଥାଏ । ଯଦି ଆପଣ ଆପଣଙ୍କ ଆଖିକୁ ସୁନ୍ଦର କରିବାକୁ ଚାହାନ୍ତି ତେବେ, ସ୍ମୋମିକ ଆଇଜ୍ ପାଇଁ ସର୍ବଦା ଗ୍ରେ ଏବଂ କଳା ରଙ୍ଗର ଆଇସ୍ୟାଡୋର ମିଶ୍ରଣକୁ କଳା ସହିତ ଲଗାନ୍ତୁ । ଏଥିପାଇଁ ସର୍ବପ୍ରଥମେ ଆଇବ୍ରୋର ତଳ ଭାଗରେ ରହିଥିବା ହାଡରୁ ଟିକେ ତଳକୁ ଆଖିପତାରେ ଗ୍ରେ ରଙ୍ଗର ଆଇସ୍ୟାଡେ ଲଗାନ୍ତୁ । ଏହାପରେ ଆଖିର ତଳ ଏବଂ ଉପର ଦୁଇ ଭାଗରେ କଳା ଲଗାନ୍ତୁ । ଏହା ଆଖିର ସୁନ୍ଦରତା ବଢେଇ ଦେଇଥାଏ ।


## କ୍ଲୋରାମିନ୍ ଯୁକ୍ତ ଖାଦ୍ୟ ହାନିକାରକ

ଆପଣଙ୍କ ଶରୀର ପାଇଁ କ୍ଷତିକାଚ୍ ସାବ୍ୟସ୍ତ ହୋଇପାରେ । ନିକଟରେ କରାଯାଇଥିବା ଏକ ଗବେଷଣାରୁ ଜଣାଯାଇଛି କ୍ଲୋରାମିନ୍ ଯୁକ୍ତ ଖାଦ୍ୟ ଓ ଲୁଣ ପ୍ରତିକ୍ରିୟା କରି ଏଭଳି ଏକ ହାନିକାରକ ରସାୟନ ନିର୍ମାଣ କରୁଛନ୍ତି, ଯାହା ଆପଣଙ୍କୁ ଡାକ୍ତରଖାନାରେ ପହଞ୍ଚାଇଦେବ । ଗବେଷକମାନେ ଅନେକ ଅଣୁମାନଙ୍କର ସନ୍ଧାନ କରିଛନ୍ତି, ଯାହା ସମ୍ପୂର୍ଣ୍ଣ ନୂଆ ଓ କ୍ଲୋରାମିନ୍ ଯୁକ୍ତ ପାଣି ଓ ଖାଦ୍ୟରେ ଥିବା ଆୟୋଡ଼ିନ୍ ଯୁକ୍ତ ଲୁଣ ମଧ୍ୟରେ



ପ୍ରତିକ୍ରିୟାରୁ ସୃଷ୍ଟି ହୋଇଛନ୍ତି । ପାଣିକୁ ସ୍ୱଚ୍ଛ କରିବା ପାଇଁ ସେଥିରେ କ୍ଲୋରିନ୍ କିମ୍ବା କ୍ଲୋରୋଏମିନ୍‌ର ଅଣୁ ମିଶାଯାଇଥାଏ । ଗବେଷକଙ୍କ ମତରେ ପାଇପ୍ ପାଣିରେ ଉପସ୍ଥିତ ଥିବା କ୍ଲୋରିନ୍ କିମ୍ବା କ୍ଲୋରୋଏମିନ୍ସ୍ ଆୟୋଡ଼ିନ୍ ଲୁଣ ସହ ପ୍ରତିକ୍ରିୟା କରି ହାଇପୋଆୟୋଡ଼ସ୍ ଏସିଡ଼ ନିର୍ମାଣ କରିଥାଏ । ଯାହା ସାଧାରଣତଃ ହାନିକାରକ ନୁହେଁ । କିନ୍ତୁ ଯେତେବେଳେ ଏସିଡ଼ ଖାଦ୍ୟ ରାନ୍ଧିବା ସମୟରେ ପାଇପ୍ ପାଣିରେ ଉପସ୍ଥିତ ଅଣୁ ଓ ଅନ୍ୟ କାର୍ବନିକ୍ ପଦାର୍ଥ ସହିତ ପ୍ରତିକ୍ରିୟା କରିଥାଏ । ସେତେବେଳେ ସେଥିରେ ହାନିକାରକ ଆୟୋଡ଼ିନ୍ ଯୁକ୍ତ ଜୀବାଣୁ ନାଶକ ତିଆରି ହୋଇଥାଏ । ହଂକଂ ୟୁନିଭରସିଟିର ସହାୟକ ପ୍ରଫେସର ଡା. ଶିୟାଂଗ୍ରୁ ଝାଂଗଙ୍କ ଅନୁସାରେ ଖାଦ୍ୟ ବନାଇବା ସମୟରେ ସୃଷ୍ଟି ହେଉଥିବା ଆଇ-ଡିବିପି ପର୍ଯ୍ୟାବରଣୀୟ ରସାୟନବିଦ୍ ଓ ଇଞ୍ଜିନିୟର ମାନଙ୍କ ପାଇଁ ସମ୍ପୂର୍ଣ୍ଣ ନୂଆ । ତେଣୁ ଗବେଷକମାନେ ବିଭିନ୍ନ ପାଇପ ପାଣିକୁ ବିଭିନ୍ନ ତାପମାତ୍ରାରେ ରଖି ସେଥିରେ ଆୟୋଡ଼ିନ୍ ଲୁଣ ମିଶାଇ ପରୀକ୍ଷା କରିଥିଲେ । ଅତି ଆଧୁନିକ ପ୍ରକ୍ରିୟା ବ୍ୟବହାର କରି ସେମାନେ ସେଥିରୁ ୧୪ ଅଣୁକୁ ଚିହ୍ନିପାରିଥିଲେ ଯାହା ୫୦-୨୦୦ଗୁଣା ଅଧିକ କ୍ଷତିକାରକ ।

## ଅନିଦ୍ରାର କୁପ୍ରଭାବ




ନିଦ ନ ଆସିବାର ସମସ୍ୟାକୁ ଏକ ସାଧାରଣ କଥା ଭାବିବା ଉଚିତ୍ ନୁହେଁ । ଏଥିରେ ମସ୍ତିଷ୍କର କାର୍ଯ୍ୟକାରୀ ଶକ୍ତି କମ୍ ହେବାର ଆଶଙ୍କା ରହିଥାଏ । ଅକ୍ସଫୋର୍ଡ୍ ୟୁନିଭରସିଟିର ରିସର୍ଚ୍ଚକର୍ତ୍ତାଙ୍କ ମତାନୁସାରେ ନିଦ ମସ୍ତିଷ୍କର ଘର ଜଗୁଆଳ ସଦୃଶ ଯାହା ମସ୍ତିଷ୍କର ମରାମତି କାର୍ଯ୍ୟ କତରିଥାଏ । ଏଥିପାଇଁ ରିସର୍ଚ୍ଚକର୍ତ୍ତାମାନେ ମସ୍ତିଷ୍କ ସହ ଅନିଦ୍ରାର କ'ଣ ସମ୍ପର୍କ ରହିଛି ତା'ଉପରେ ରିସର୍ଚ୍ଚ କରିଥିଲେ । ଅଧ୍ୟୟନରୁ ଜଣା ପଡ଼ିଥିଲା ନିଦ ନ ହେବା ଜଟିଳତା ଅଧିକାଂଶ ବୟସ୍କ ବ୍ୟକ୍ତିଙ୍କ ପାଖରେ ଦେଖାଯାଏ । ବୟସ୍କ ବ୍ୟକ୍ତିଙ୍କ ପାଇଁ ପ୍ରତିଦିନର ଆଠ ଘଣ୍ଟାର ପର୍ଯ୍ୟାପ୍ତ ନିଦ୍ରା ଜରୁରୀ । ଅନିଦ୍ରା ସମସ୍ୟାରେ ପୀଡ଼ିତ ଥିବା ବ୍ୟକ୍ତି ତାଙ୍କର ଖାଦ୍ୟପେୟକୁ ଧ୍ୟାନରେ ରଖିଲେ ଏହି ଅନିଦ୍ରା ସମସ୍ୟାରୁ ନିଜକୁ ବଞ୍ଚାଇପାରିବେ ।

# ସାହିତ୍ୟ ଦର୍ପଣ



## ଉପକ୍ରମଣିକା


ସୁଦର୍ଶନ ମହାପାତ୍ର

ସୁବ୍ରତ ମିଶ୍ର, ମୋର ବନ୍ଧୁ। ଏକା ବ୍ୟାଚ୍‌ରେ ବାଣୀବିହାର ରେ ପି.ଜି.କରୁଥିଲୁ। ସେ ସହକାରୀ ପ୍ରଶାସନିକ ଅଧିକାରୀ ପଦରେ ଚାକିରୀ କରେ। ବୟସ ପଇଁଚାଳିଶ। ସୁନ୍ଦର, ଭଦ୍ର ଓ ମେଳାପୀ କିନ୍ତୁ ଅବିବାହିତ। କାହା ପ୍ରେମରେ ପ୍ରତାରିତ ହୋଇ ସେ ଅବିବାହିତ ହୋଇ ରହିଗଲେ ତାହା ନୁହେଁ ଅବା ଭୀଷ୍ମଙ୍କ ପରି ଯେ ଅଖଣ୍ଡ ବ୍ରହ୍ମଚାରୀ ହୋଇ ରହିବ ବୋଲି ଶପଥ ବି କରିନଥିଲା ।

ବାପାଙ୍କ ସ୍ୱର୍ଗବାସ ପରେ ଚାରି ଭାଇ ଭଉଣୀଙ୍କୁ ମଣିଷ କରିବା ଦାୟିତ୍ୱ ସୁବ୍ରତ ଉପରେ ହିଁ ନ୍ୟସ୍ତ ଥିଲା। ମାଆ କେବେ ଠାରୁ ଇହଧାମ ତ୍ୟାଗ କରି ସାରିଥିଲେ। ବାପା ମା ଛେଉଣ୍ଡ ଭାଇ ଭଉଣୀ ମାନଙ୍କ ପଢ଼ା ଓ ବାହାଘର ସରିଲା ବେଳକୁ ନିଜର ବୟସ ଚାଳିଶ ପାଖାପାଖି ପହଞ୍ଚି ସାରିଥିଲା। ସାନଭାଇ ବି ନିଜ ଇଚ୍ଛାରେ ବାହା ହୋଇ ସମ୍ପର୍କ ଏକରକମ କାଟି ସାରିଥିଲା। ସବୁ ଦାୟିତ୍ୱ ତୁଲାଉ ତୁଲାଉ ଯଥା ସମୟରେ ଆସିଥିବା ଯୌବନର ବସନ୍ତ କେତେବେଳେ ଆସି ଚାଲିଗଲା ଜଣା ପଡିଲାନି। ଆଖି ତଳେ କଳା ଛାପ ଓ ମୁଣ୍ଡର କିଛିଟା ପାଚିଲା ଚୁଟି ସୁବ୍ରତକୁ ପରିହାସ କଲା ପରି କହିଲେ,' ଏ ବୟସରେ ବିବାହ ଇଚ୍ଛା ତୋର ପରିହାସର କାରଣ ହେବ ଏବଂ କିଛିଟା ଅସହାୟତାର ଉପଲବ୍ଧି ହେବ।କାରଣ ଯେଉଁ ଝିଅ ତୁମକୁ ବାହାହେବ ସେ ବାଧ୍ୟ ଓ ନିଜର ଇଚ୍ଛା ବିରୁଦ୍ଧରେ ବୁଝାମଣା କଲା ପରି ବ୍ୟବହାର କରିବ'। ବନ୍ଧୁ ହିସାବରେ ବହୁତ ବୁଝାଇବାକୁ ଚେଷ୍ଟା କରିଥିଲି। ହେଲେ ସେ ଯେ ସବୁଦିନ ଅନତିକ୍ରମଣୀୟ...!!!

ସୁବ୍ରତ ଖାଲି ମୋ କଥା ନୁହେଁ ଅନ୍ୟ କେତେଜଣ ବନ୍ଧୁଙ୍କ ବିବାହ ସମ୍ବନ୍ଧିତ କଥା ସବୁ ଶୁଣି ନିରବ ରହିବାକୁ ଉଚିତ ମନେକଲା। ବୋଧହୁଏ ନିର୍ଦ୍ଦୟ ହୋଇଗଲା ନିଜର ମନର ଆବେଗ ପ୍ରତି । ଭୁଲିଗଲା ନିଜର ଅପୂର୍ଣ୍ଣତାକୁ। ବେଳେ ବେଳେ ଅଫିସରେ କୌଣସି ନୂତନ କର୍ମଚାରୀ ଯୋଗଦେଲେ କଥା ଛଳରେ ପଚାରି ବସନ୍ତି, ' ସାର ଆପଣଙ୍କ ପିଲାମାନେ ଏବେ କ'ଣ କରୁଛନ୍ତି ?' ସେମାନଙ୍କ ପାଇଁ ଏ ସ୍ୱାଭାବିକ ପ୍ରଶ୍ନ ସୁବ୍ରତ ପାଇଁ କିନ୍ତୁ ଢେର ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି କରେ। ଛାତି ଭିତରେ ଗୋଟେ ଆଲୋଡନ ସୃଷ୍ଟି ହୁଏ କ୍ଷ ଟିକିଏ ପ୍ରକୃତିସ୍ଥ ହୋଇ ସୁବ୍ରତ ଧୀର ସ୍ୱରରେ ଉତ୍ତର ଦିଏ- ' ମୁଁ ବିବାହ କରିନାହିଁ '। ଏସବୁ ବିଷୟରେ ଘନିଷ୍ଠ ବନ୍ଧୁ ହିସାବରେ ମୋ ସହିତ ଫୋନ୍ ରେ ବେଳେ ବେଳେ କହେ।

ଏଇ କେଇଦିନ ତଳେ ଗୋଟିଏ ରବିବାରରେ ମୋର ସୁବ୍ରତ ସହିତ ଭେଟ ହୋଇଗଲା କଳ୍ପନା ସ୍କ ?ୟାରରେ। ଦୀର୍ଘ ବର୍ଷ ପରେ ହଠାତ୍ ଦକ୍ଷିଣ ଓଡିଶାରୁ ତା'ର ବଦଳି ଭୁବନେଶ୍ୱର ହୋଇଛି ବୋଲି ଜାଣିଲି।ତାକୁ ବହୁତ କରି କହି ଘରକୁ ଏକ ରକମ ବାଧ କରି ନେଇ ଆସିଲି। ଆମ ଖୁସି ସଂସାରର ଚିତ୍ର ତାକୁ ବିମୋହିତ କରୁଥିଲା ବୋଲି ମନେହେଲା। ପିଲା ଦୁହେଁ ଘରେ ଥିଲେ ତ କ୍ୟାରାମ ଖେଳିବାର ସ୍ପୃହା ତା'ର ଦ୍ୱିଗୁଣିତ ହେଲା।

ସେ ଆମ ସମୟରେ ବେଷ୍ଟ କ୍ୟାରାମ ପ୍ଲେୟାର ଥିଲା ବୋଲି ଦିନେ ପିଲାଙ୍କୁ କହିଲା ବେଳେ ତା'ର ମୁହଁରେ ଯେମିତି ଔଜ୍ଜଲ୍ୟ ଫୁଟି ଉଠୁଥିଲା । ମୋଟାମୋଟି ସେ ଯେମିତି ସଂସାର ମନସ୍କ ହୋଇ ସାରିଥିଲା।ତାକୁ ଆଉଥରେ ବିବାହ କରିବାକୁ ମନେଇବାର ଇଚ୍ଛା ଯେମିତି କଳ୍ପନା ଆଉ ଆମ ଭିତରେ ଉଜ୍ଜୀବିତ ହୋଇ ଉଠିଲା।

ଏଇ ସମୟ ମଧ୍ୟରେ ସେ ଆମ ଘରକୁ ରୀତିମତ ଯିବା ଆସିବା ଆରମ୍ଭ କରି ଦେଇଥିଲା। ଏମିତିକି ବେଳେବେଳେ ମୁଁ କ୍ୱାଟରରେ ନଥିଲେ ବି ମୋ ପତ୍ନୀଙ୍କ ସହ ସୌଜନ୍ୟମୂଳକ କଥାବାର୍ତ୍ତା କରି ଚା' ଜଳଖିଆ ଖାଇ ଚାଲିଯାଏ।

-' ତୁ ବହୁତ ଭାଗ୍ୟବାନ ରେ।ଭାଉଜଙ୍କ ଭଳି ପତ୍ନୀ ପାଇଛୁ। ଦୁଇଟି କ୍ୟୁଟ ଛୁଆଙ୍କର ବାପା ହୋଇଛୁ। ତୋ' ଜୀବନରେ ସବୁ କିଛି ଖୁସି ଭଗବାନ ଭରି ଦେଇଛନ୍ତି।' ଏମିତି କଥା କହି ହଠାତ୍ ଦିନେ ମୋତେ ଏବଂ କଳ୍ପନାଙ୍କୁ ସେ ଚମକେଇ ଦେଲା।
-' ତୁ ଗୋଟିଏ କାମ କର। ଥରେ ଖାଲି ମୋ ଅନୁରୋଧ ରଖି ବିବାହ କରିବାକୁ ରାଜି ହୋଇଯା।ଦେଖିବୁ ତୋ ଜୀବନର ଚଲାପଥ ବି କୁସୁମିତ ହୋଇ ଯିବ।'
-' ଆରେ ନା ନା। ଖବରଦାର ଏସବୁ ବିଷୟରେ ଆଉ ଯେମିତି କିଛି ନକହୁ।' ମୋ ଉପରେ ଯେମିତି ଭଡକି ଉଠିଲା ସୁବ୍ରତ।

ହଠାତ୍ କଳ୍ପନାଙ୍କର ଆପେଣ୍ଡିକ୍ସ ବାହାରିଲା ତ ତାଙ୍କର ସାନ ଭଉଣୀ କଲ୍ୟାଣୀ ଆସି ଆମଘରେ ରହିଲା। ଶାନ୍ତନୁ ବି ସେଇ ସମୟରେ ଆମ ପାଇଁ ନିଜର କର୍ତ୍ତବ୍ୟ ନିର୍ବାହ ପୂର୍ବକ ପ୍ରାୟ ପ୍ରତ୍ୟେକ ଦିନ ଆସୁଥିଲା। ହସ୍ପିଟାଲ ଖାଇବା ନେଇ ଯିବା ଠାରୁ ଆରମ୍ଭ କରି ଘରର ଆବଶ୍ୟକୀୟ ଜିନିଷ ପତ୍ର କିଣାକିଣି ରେ ସାହାଯ୍ୟ କରୁଥିଲା। କଳ୍ପନା ଘରକୁ ଫେରିଲା ପର୍ଯ୍ୟନ୍ତ ଶାନ୍ତନୁ ପ୍ରାୟତଃ ଆମଘରେ ହିଁ ରହୁଥିଲା।

-' ଗୋଟିଏ କଥା କହିବି। ମୋର ମଜାକ ଉଡେଇବୁନି ତୁ।ସିରିୟସଲି କହୁଛି। ମୁଁ ବିବାହ କରିବାକୁ ମନସ୍ଥ ? କରିଛି। ଏବେ ପାତ୍ରୀ ଖୋଜିବା ଦାୟିତ୍ୱ ତୋର। ଖୋଜିବା ନୁହେଁ ପାତ୍ରୀକୁ ମନେଇବାର ଦାୟିତ୍ୱ ତୋର ଏବଂ ଭାଉଜଙ୍କର ।' ସୁବ୍ରତ ର ଏଇ କେଇପଦ କଥା ଆମକୁ ଚମତ୍କୃତ କରିଦେଲା। ଆମର ଉତ୍ସୁକତା ଲକ୍ଷ୍ୟକରି ସୁବ୍ରତ ଟିକିଏ ଉତ୍ସାହିତ ହୋଇପଡିଲା ଭଳି ଲାଗିଲା। ତା'ର ବର୍ଷୀୟାନ୍ ଚେହେରା ଉପରେ ବହଳିଆ ହୋଇ ମାଡିଗଲା ପରସ୍ତେ ଆଦ୍ୟ ଯୌବନ ର ପ୍ରେମିକ-ପ୍ରେମିକ ଆସ୍ତରଣ। ହେଲେ ସେ ପାତ୍ରୀ ହିସାବରେ ଯାହା ନାଁ କହିଲା ଆମେ ପୁଣି ଥରେ ହତୋତ୍ସାହିତ ହୋଇପଡିଲୁ।

ଦିନେ କଳ୍ପନା ଧୀର କଣ୍ଠରେ କହିଲେ -' ତୁମ ପ୍ରିୟ ବନ୍ଧୁଙ୍କ ଠାରୁ ମୁଁ ଆପଣଙ୍କ ଇଚ୍ଛା ବିଷୟରେ ସବୁକିଛି ଶୁଣିଛି ।ମୋର ସାନ ଭଉଣୀ କଲ୍ୟାଣୀ ।କଲେଜରେ ଅଧ୍ୟାପିକା ଅଛି । ତୁମେ କ'ଣ ଜାଣିଛ ତା'ର ଏପର୍ଯ୍ୟନ୍ତ ବିବାହ ନକରିବାର କାରଣ ? ତା ସହିତ କଥାବାର୍ତ୍ତା ହୋଇଛି ? '

କଳ୍ପନାଙ୍କ କଥାରେ ସୁବ୍ରତ ଅଳ୍ପ ହସିଲା। ସେଇ ହସ ହିଁ ସୂଚେଇଦେଲା ସବୁକିଛି। ଅର୍ଥାତ ସେ ସବୁ ଜାଣିଛି କଲ୍ୟାଣୀ ବିଷୟରେ।
-' କ୍ୟାନସର ପୀଡ଼ିତା ହେବାପରେ ତା'ର ଚିକିତ୍ସା ଚାଲିବା ଭିତରେ କେମୋର ପ୍ରୟୋଗରେ ତା'ର ଚୁଟି ସବୁ ଝଡ଼ିଗଲା।ଏପଟରେ ଆଶୁ ସମାଧାନ ପାଇଁ ଗୋଟିଏ ପଟ ବ୍ରେଷ୍ଟ ବି ହରାଇବାକୁ ପଡ଼ିଛି ବିଚାରି କୁ। ସେଥିପାଇଁ ଆରୋଗ୍ୟ ଲାଭ ପରେ ମଧ୍ୟ ବାହା ହୋଇ ପାରିନି ମୋ ଭଉଣୀ। ଏବେ ଚାଳିଶ ବର୍ଷ ଡେଇଁ ସାରିଲାଣି ତାକୁ' ଏତିକି କହିବା ଭିତରେ କାନ୍ଦୁଥିଲେ କଳ୍ପନା। ପର ରବିବାର ଦିନ କଲ୍ୟାଣୀକୁ ଆମ ଘରକୁ ଡ଼କାଇଥିଲେ କଳ୍ପନା। ସେ ପୁଣି ସୁବ୍ରତର ଅନୁରୋଧରେ।

ସୁବ୍ରତ ପ୍ରଥମେ ନିଜଆଡୁ କହିଲା- ' ମୋର ଆପଣଙ୍କ ସହ ଟିକେ କଥା ଥିଲା ।'
- ' ମୁଁ ଜାଣିଛି ନାନୀ ମୋତେ ଆମ ବାହାଘର ବିଷୟରେ କହୁଥିଲା କ୍ଷ ମୋର ଏ ଅବସ୍ଥାରେ ଓ ଏ ବୟସରେ ବାହାଘରର ମୂଲ୍ୟ କଣ ? ଆଉ ମନରେ ଆଗ୍ରହ ନାହିଁ ସଂସାର କରିବାକୁ । ବାହାହେଲେ ମୁଁ ଆପଣଙ୍କ ଦୟାରେ ବଞ୍ଚିଲା ପରି ହେବ କ୍ଷ ମୁଁ ଏତେଟା ଋଣୀ ହୋଇ ବଞ୍ଚି ପାରିବିନି '। କଲ୍ୟାଣୀ ଝର ଝର ହୋଇ କାନ୍ଦୁଥିଲା ।

ସୁବ୍ରତ କଲ୍ୟାଣୀର ଏପରି ଅସହାୟତାରେ ବ୍ୟସ୍ତ ହୋଇ ପଡିଲା ।
-' ଶୁଣ କଲ୍ୟାଣୀ।ବିବାହର ବ୍ୟବହାରିକ ଅର୍ଥ ବ୍ୟାପକ। ଜୀବନରେ ସବୁ କିଛି ଯେ ଯଥା ସମୟରେ ହେବ ଏବଂ ସୁରୁଖୁରୁରେ ହେବ,ଏପରି କିଛି ମନେ ନାହିଁ । ବିବାହକୁ ଏକ ଭୋଗର ଆଧାର ବୋଲି ମାନିନେଲେ ଏଥିରେ ଲାଭ ଓ କ୍ଷତି ଉଭୟ ଆସିବ।ବିବାହକୁ ଯଦି ଉଭୟଙ୍କର ଜୀବନ ଯାତ୍ରା ରେ ସହାୟତା ପାଇଁ ଆଦରି ନିଆଯାଏ,କିପରି ହେବ କୁହ ତୁମେ। ବଂଚିବାଟା ସହଜ ହୋଇଯିବ। ଏ ବିବାହର ଅବଧି ଅନ୍ୟ ବିବାହ ଠାରୁ ସ୍ୱଳ୍ପ ହୋଇପାରେ ,ହେଲେ ବର୍ତ୍ତମାନ ଠାରୁ ଭବିଷ୍ୟତ ପାଇଁ ମଙ୍ଗଳମୟ ହିଁ ହେବ। ମୋ ମାଆଙ୍କର ଶେଷ ଇଚ୍ଛାଟା ବି ପୂର୍ଣ୍ଣ ହେବ।' ଏତିକି କହି ଘଡ଼ିଏ ଚୁପ୍ ରହିଲା ସୁବ୍ରତ।
-' ମୋର କିନ୍ତୁ ଏ ବିବାହରେ ଆପତ୍ତି ନାହିଁ । ଭାଉଜଙ୍କୁ ମୋର ରାଜି ହେବା କଥା ଜଣାଇ ଦେବି। ତୁମର ଯଦି ସମ୍ମତି ନାହିଁ ଏବେ ମୋତେ କହିଦିଅ । ମୁଁ ଏଇଠୁ ଫେରିଯିବି।' କ୍ଷୋଭ ଭରା କଣ୍ଠରେ କହିଲା ସୁବ୍ରତ।

ମନ୍ଦିର ପ୍ରାଙ୍ଗଣରେ ନିରାଡମ୍ବର ଭାବରେ ବାହା ହେଲା ବେଳେ ସୁବ୍ରତ ଅନୁଭବ କଲେ ଯଦିଓ ଏହା ବାହା ହେବାର ଉଚିତ ବୟସ ନୁହେଁ, କିନ୍ତୁ ଝାଂଜି ଖରାରେ ଥକି ପଡ଼ିଥିବା ବେଳେ ଯେପରି ଅଦିନ ମେଘ ବଡ଼ ଶାନ୍ତି ଓ ଶୀତଳତା ଆଣିଦିଏ, ଏଇ ବିବାହ ତାଙ୍କ ଜୀବନର ଅସହାୟତା ଓ ନିଃସଙ୍ଗତା ଦୂର କରିଦେବ।ଏଇ ବିବାହ ଗୋଟେ ଭୋଗର ଆଧାର ନୁହେଁ ଏହା ଅନୁରାଗ ଓ ବିଶ୍ୱାସର ଉପକ୍ରମଣିକା...!!!

*କୁଞ୍ଜବିହାରୀ ଲେନ, କଟକ*

## ଶାଶୁଙ୍କ ମନୋକାମନା


ବିଜୟ କୁମାର ଛାଟୋଇ

ସୁଲତା ଓ ସୁଧୀର ଆଜି ମୁହଁ ଶୁଖେଇ ବସିଛନ୍ତି । ଘରେ ଘରେ କୁମାର ପୂର୍ଣ୍ଣିମାର ଆୟୋଜନ । ଝିଅ ପିଲାଙ୍କ ପୁଚିଖେଳ, ଖୁସିମଜା, ଖିଲିଖିଲି ହସ ସାଙ୍ଗକୁ ପୂଜା ରେ କଣ କରିବେ, କଣ ପିନ୍ଧିବେ,କେମିତି ସଜହେବେ, ପୁନେଇଁ ଗୀତ ବୋଲିବେ ତାରି ଚର୍ଚ୍ଚା । ସୁଧୀରଙ୍କ ଦୁଇ ଭଉଣୀ ସୀମା ଓ ଶୀଳା ବି ନିଜ ଝିଅ ପୁଅଙ୍କୁ ନେଇଆସିଛନ୍ତି ଦଶହରା ପୂଜା ଛୁଟିରେ । ଆଜି କୁମାର ପୂର୍ଣ୍ଣିମା ସାରି କାଲି ସକାଳେ ଯେ ଯାହା ଘରକୁ ବାହୁଡିଯିବେ । ସୀମା ର ଦୁଇଝିଅ ଓ ଶୀଳାର ଗୋଟିଏ । ସମସ୍ତେ ଆଈଙ୍କୁ କହିରଖିଛନ୍ତି ଦିନକ ପୂର୍ବରୁ ସବୁ ସଜାଡି ରଖିଦେବାକୁ ଚାନ୍ଦପୂଜା ପାଇଁ । ଆଈ ବିଖଇ, ଛେନା, କଷି କାକୁଡି, ଫୁଲ ସବୁ ସଜାଡିବାରେ ଲାଗିଛନ୍ତି ବଡି ସକାଳୁ । ଆଗ ଆଞ୍ଜୁଳା ଟେକା ହବ, ତିନିଜଣ ଯାକ ନୂଆଁଜାମା ପିନ୍ଧି, ଗୋଡରେ ଅଳତା, ମଥାରେ କୁଙ୍କୁମ ଲଗେଇ ଦେବୀ ପ୍ରତିମା ଭଳି ପ୍ରତୀତ ହଉଛନ୍ତି ! ସୀମା ଓ ଶୀଳା ମଧ ଝିଅମାନଙ୍କୁ କୁମାର ପୂର୍ଣ୍ଣିମା ପୂଜା ର ବିଧି ଏବଂ ତା ସହିତ ଜଡିତ କଥାସବୁ କହୁଥାନ୍ତି । ସମଗ୍ର ଘରେ ଖୁସି ଓ ଆନନ୍ଦ ର ବାତାବରଣ ଥିଲାବେଳେ ସୁଲତା ଓ ସୁଧୀର ଙ୍କ ମନରେ ଟିକେ ହେଲେ ସୁଖ ନ ଥାଏ । ଶାଶୁ ଡାକିଲେ, 'ସୁଲତା, ମା ଆସେ ପିଲାମାନେ ମାଇଁ କୋଉଠି ବୋଲି ତୋତେ ଖୋଜୁଛନ୍ତି, ଯା ତାଙ୍କ ସହିତ ପୂଜା ପ୍ରସ୍ତୁତିରେ ସାହାଯ୍ୟ କର । 'ସୁଲତା ଅମନଯୋଗୀ ହୋଇ ତା କୋଠରୀ ରୁ ବାହାରିଲା । ଶାଶୁଙ୍କ କଥାକୁ ଅମାନ୍ୟ କରିପାରିବନି । ନିରସ ମନରେ ଯିବାକୁ ଉଦ୍ୟତ ହୁଅନ୍ତେ, ଶାଶୁ ପଛପଟୁ ଡାକି କହିଲେ, 'କଣ ପାଇଁ ମନଦୁଃଖ କରୁଛୁ ଝିଅ, ସବୁ ଭୁଲ ତ ତମ ଦୁଇ ଜଣଙ୍କର, ପୁଅ ହଉ କି ଝିଅ ଉଭୟେ ସମାନ । କେତେଥର କହିଲି ଭଗବାନ ଙ୍କ ଆଶୀର୍ବାଦ ଭାବି ସେମାନଙ୍କୁ ଗ୍ରହଣ କର, କିନ୍ତୁ ତମେ ଦୁଇଜଣ ମୋ କଥା ମାନିଲନାହିଁ । ଥରେ ନୁହେଁ ଦୁଇ ଦୁଇ ଥର ଝିଅ ଜନ୍ମହେବା ଆଗରୁ ଭୃଣହତ୍ୟା କଲ । ପୁରୁଣା ଯୁଗ ହୋଇଥିଲେ ଭିନ୍ନକଥା, ସେତେବେଳେ ଝିଅ ପୁଅ ଭିତରେ ଅନେକ ଫରକ କରାଯାଉଥିଲା । ଝିଅଙ୍କ ପାଇଁ ଗୁଡ଼ାଏ କଟକଣା ରହୁଥିଲା, କିନ୍ତୁ ଏବେ ତ ଯୁଗ ବଦଳିଲାଣି । ପୁଅ ଝିଅ କେହି କାହାଠାରୁ କୌଣସି ଗୁଣରେ କମ ନୁହଁନ୍ତି । ତା ପରେ ବି ତୋ ଶ୍ୱଶୁର କି ମୁଁ କେବେ ପୁଅ ପାଇଁ ବାଧ କରିନୁ କି ବଂଶର।। ର ଦ୍ୱାହି ଦେଇ ତୋ ଉପରେ କେବଳ ପୁଅଜନ୍ମ ପାଇଁ କିଛି ଚାପ ପ୍ରୟୋଗ କରିନାହୁଁ । ତୁମେ ଦୁଇଜଣ ଏତେ ଶୀତ ହୋଇ ଏମିତି ନିଷ୍ପତ୍ତି ନେବ ବୋଲି ମୁଁ ଆଜି ଯାଏଁ ବିଶ୍ୱାସ କରିପାରୁନି ରେ ମା !'ସୁଲତାଙ୍କ ଆଖି ଲୁହରେ ଭର୍ତ୍ତି ହୋଇଗଲା । କିଛି କହିବାକୁ ଚାହିଁ ମଧ୍ୟ ସେ କହିପାରିଲେନି । ଶବ୍ଦତକ ଢୋକି ହେଇଯାଉଥିଲା । କୋରି ହୋଇଯାଉଥିଲା ତାଙ୍କ ମାଆ ମନ ଶାଶୁଙ୍କର ଅକାଟ୍ୟ ସତ୍ୟ ବଚନର ପ୍ରହାରରେ । କେମିତି ନିର୍ବୋଧଙ୍କ ଭଳି ସୁଧୀରଙ୍କ ହଁ ରେ ହଁ ମିଳେଇଚାଲିଥିଲା ସେ । ମାଆ ଭାବରେ ସେତିକି ପ୍ରତିରୋଧ ସେ କଣ କରିପାରିନ ଥାନ୍ତା ନିଜ ଶରୀରର ଅଂଶ କୁ ଜୀବନ ଦାନ ଦେବାପାଇଁ ? ପୁତ୍ରମୋହରେ ଥରେ ନୁହେଁ ଦୁଇଥର ସେ ହାଣମୁହଁରେ ବଳି ପକେଇଦେଲା ତାର ଦୁଇ ଦୁଇଟି କୁନି କୁନି ନିରୀହ କଳିକା ଙ୍କୁ ! ସେହି ପାପ ର ପରିଣାମ ସ୍ୱରୂପ ଭଗବାନ ତାକୁ ଆଜି ସନ୍ତାନସୁଖରୁ ବଞ୍ଚିତ କରିଛନ୍ତି । ଦୁଇଥର ଅସ୍ତ୍ର ?ପଚାର ଫଳରେ ହରେଇବସିଛି ସେ ମାଆହେବାର ସବୁ ସାମର୍ଥ୍ୟ ଓ ଅଧିକାର । ନିଜକୁ ନିଜେ ଅପରାଧୀ ମଣି କେତେ ଯେ ତିଳ ତିଳ ଜଳିଛି । ହେଲେ, ଏବେ ଆଉ କିଛି ବି ତା ହାତରେ ନାହିଁ ।ନିଜ ପଣତରେ ଲୁହକୁ ପୋଛିଲା ସୁଲତା । ନଣନ୍ଦ ଓ ଭାଣିଜୀ ମାନଙ୍କ ସହ ଯୋଗଦେଲା ପୂର୍ଣ୍ଣମୀପୂଜା ପାଇଁ । ମାଇଁ ଆସିବାରୁ ଭାଣିଜୀ ତିନିଜଣ ଖୁସିରେ ନାଚି ଉଠିଲେ । କିଏ କୁଣ୍ଢେଇ ପକେଇଲା ତ କିଏ କାଖେଇ ନେଇ ଚାନ୍ଦ ଦେଖେଇବା ପାଇଁ ଅଳିକଲା । ସମସ୍ତଙ୍କ ସ୍ନେହ, ସୋହାଗ ପାଇ ସୁଲତା ର ଉଦାସୀ ମୁହଁଟି ଧୀରେ ଧୀରେ ଖୁସିରେ କୁରୁଳି ଉଠିଲା । ସେ ନିଜେ ସଭିଙ୍କୁ ବତେଇ ଦେଲା ପୂଜା ର ନିୟମ ଆଉ ଡାକିଲା, 'ଆସ ସମସ୍ତେ ମିଶି ପୁଚି ଖେଳିବା, ଯେମିତି ଆମେ ଆଗରୁ ଆମ ପିଲାଦିନେ ଖେଳୁଥିଲୁ, ତମକୁ ବି ସେମିତି ଶିଖେଇଦେବି !'ସୀମା, ଶୀଳା ଓ ଶାଶୁ ଟିକେ ଦୂରରେ ଛିଡାହେଇ ସବୁ ଦେଖୁଥିଲେ ଏବଂ ଆଶ୍ୱସ୍ତ ହେଉଥିଲେ, ଯେ ଯା ହଉ ପରିସ୍ଥିତି ଏବେ ସୁଧୁରିଗଲା ।ସୀମା କହିଲା, 'ବୋଉ ତୁ କାହିଁକି ଜାଣିଶୁଣି ଆମକୁ କୁମାରପୂର୍ଣ୍ଣିମା ଦିନଯାଏଁ ରହିବାକୁ କହୁଛୁ କହିଲୁ ? ଆମେ ତ ଯାଇ ଯେ ଯାହା ଘରେ ଚାନ୍ଦପୂଜା କରନ୍ତୁ । ବିଚରା ଭାଉଜ ଆଖି ଆଗରେ ଦେଖିଛନ୍ତି ଝିଅଗୁଡା କେମିତି ହସଖୁସି ହୋଇ ପୂଜା କରୁଛନ୍ତି, ତାଙ୍କ ମନ କେତେ ଦୁଃଖ ହଉଥିବ କହିଲୁ? ସେ ଏଇ ସବୁ ସୁଖରୁ ଯେ ବଞ୍ଚିତ, ତୋତେ କଣ ସବୁ ଅଛପା ଅଛି ! ତୁ କାହିଁକି ଆମକୁ ଏଠି ରଖି ତାଙ୍କ କଷ୍ଟ କୁ ବଢେଇ ଦଉଛୁ ? ''ନା ରେ ଝିଅ , ମାଆ ମନକଥା ମୁଁ ବେଶ ଜାଣିଛି ? ବରଂ ଭାଣିଜୀ ମାନଙ୍କ ଭିତରେ ସେ ହରେଇଥିବା ତା ଝିଅମାନଙ୍କୁ ଖୋଜି ପାଉଛି । ମୁଁ ଜାଣିଶୁଣି ଆଜି ଦିନଟା ତମ ମାନଙ୍କୁ ରଖିଦିଏ, ଯେମିତି ଏହି ବାହାନାରେ ଟିକେ ହସଖୁସି ହୋଇ କିଛି ସମୟ ବିତେଇପାରିବ ସୁଲତା । ତା ସହିତ ନିଜେ କରିଥିବା ଭୁଲ ପାଇଁ ପଶ୍ଚାତାପ ବି କରିବ ।

ସେ ନିଜ ଭୁଲ ବୁଝିସାରିଛି ବୋଲି ମୁଁ ଜାଣିସାରିଛି, ହେଲେ ଚାହୁଁଛି ନିଜେ ସୁଲତା ମୁହଁ ଖୋଲିକି ସୁଧୀର କୁ ବି ତା ଭୁଲ ବିଷୟରେ ଅବଗତ କରେଇଦେଉ । ଜଣେ ନାରୀ ଚାହିଁଲେ ଅତୀତରେ କରିଥିବା ଭୁଲ କୁ ପୁଣିଥରେ ସୁଧାରିପାରିବ । ସେଇଦିନକୁ ମୁଁ ଅପେ।। କରିଛି ଯେଉଁଦିନ ସୁଲତା ନିଜେ ଯାଇ ସୁଧୀରକୁ ବାଧ କରିବ, ଗୋଟିଏ ଝିଅ ପାଇଁ । ନିଜେ ଜନ୍ମକରି ମାଆ ନ ହେଇପାରୁ ପଛକେ ପାଳନ କରି ମାଆ ହେବାର ।ମତା ତ ତାର ସବୁବେଳେ ଅଛି ବୋଲି ମୁଁ ଭାବୁଛି । ଦେଖାଯାଉ କେତେଦିନ ପର୍ଯ୍ୟନ୍ତ ସେ ନିଜକୁ ଏଇ ସ୍ନେହ ରୁ ଦୂରେଇ ରଖି ରହି ପାରୁଛି ? ତମ ଦିଜଣ ଙ୍କୁ ମୋର ଅନୁରୋଧ ରେ ମାଆ, ଏମିତି ମଝି ମଝିରେ ଆସି ଦିନେଦୁଇ ଦିନ ରହି ସୁଲତା କୁ ମମତା ର ଡୋରିରେ ବାନ୍ଧି ରଖିବାକୁ ଚେଷ୍ଟା କରିବ । ତମ ଝିଅମାନଙ୍କୁ ଦେଖିଲେ ହିଁ ସେ ଜାଣି ପାରିବେ, ଝିଅ ନ ଥିବାର ମହତ୍ତ୍ୱ !

ସୁଲତା ଛେନା, ଖଇ, କଦଳୀ ର ଚାନ୍ଦ କୁ ପୂଜା କଲାପରେ ଭାଣିଜୀ ମାନଙ୍କୁ ଅତି ସରାଗରେ କୋଳରେ ବସେଇ ଚାନ୍ଦଭୋଗ ଖଏଇବା ଦେଖିଥାନ୍ତି ଶାଶୁ । ତାଙ୍କ ମନୋକାମନା ପୂର୍ଣ୍ଣ ହେବାପାଇଁ ଆଉ ଯେ ଖୁବ ଅଳ୍ପ ସମୟ ବାକି ରହିଛି ତାହା ସେ ଅନୁଭବ କରିପାରୁଥିଲେ ଏବଂ ଭଗବାନଙ୍କୁ ଧନ୍ୟବାଦ ଜଣାଉଥିଲେ ।

*ସାକ୍ଷୀଗୋପାଳ, ପୁରୀ*

## ପ୍ରାପ୍ତି ଅପ୍ରାପ୍ତି

*ଆଦ୍ୟାଶା ମହାପାତ୍ର*



ବିତୁଛି ସମୟ ମୋର
ମିଥ୍ୟା ଉପଚାରେ
ନିଇତି ଦେଖୁଛି ପାପ
ମନ ଆଇନାରେ ।
ଐଶ୍ୱର୍ଯ୍ୟର ଆକାଶକୁ
ସ୍ୱପ୍ନ ମୋର ଛୁଏଁ
ମାୟା ମୃଗ ପଛେ ପୁଣି
ବାଟବଣା ହୁଏ ।
'ମୁଁ' କାର ତତ୍ତ୍ୱରେ ଜପେ
ମନ୍ତ୍ର ଏକାକ୍ଷରୀ
ଲୋଭ ମୋହ ସ୍ୱାର୍ଥ ଥାଏ
ସଂସାର ଆବୋରି ।
ଲାଭ କ୍ଷତିର ହିସାବେ
ବର୍ଜିତ ବିବେକ
ଭାଗ୍ୟ ଭବିଷ୍ୟତ କଷେ
ଜୀବନ ଗଣିତ ।
ଆକାଂକ୍ଷିତ ସୁଖ ପ୍ରାପ୍ତି
ଆଣିଛି ବ୍ୟୁତ୍ପତ୍ତି
ଭସ୍ମାସୁର ପ୍ରାୟେ ନାଶେ
ନିଜ ପ୍ରତିପତ୍ତି ।
ତୁଟିଛି କାମନା ଏବେ
ଚେତନା ଔଜ୍ଜଲ୍ୟ
ଆଶା ମେଣ୍ଟିଯାଏ ଲକ୍ଷ ?
ଦାନାଏ କୈବଲ୍ୟ ।

*ନୂଆପଡା, କଟକ*

## ହେ ବାଣୀ ପୁତ୍ର !

*ରତ୍ନକାନ୍ତି ମିଶ୍ର*



ବିସ୍ତାରିତ ତୁମ ହୃଦୟ କନ୍ଦରେ
କାବ୍ୟକଳା ଅଭିଳାଷ
ଦେଇଛି ବିଧାତା ଭାବ ସୃଜିବାକୁ
ଅସୀମିତ ଅବକାଶ ॥

ଦିବ୍ୟ ପୁଲକରେ ସୃଷ୍ଟି ସର୍ଜନାରେ
ତୁମେ ଥାଅ ମଗ୍ନମୟ
ଲେଖନୀରୁ ତୁମ ଚାରୁଚିତ୍ର ଫୁଟୁ
ଆତ୍ମା ହେଉ ଭାବମୟ ॥

ଯୁଦ୍ଧ ଘନଘଟା ଧ୍ୱଂସ ବିଭୀଷିକା
ମନେ ସଞ୍ଚାରିତ ତ୍ରାସ
ଦୁର୍ଗତ ମାନବ ବ୍ୟଥା ବେଦନାର
ଉତଥିତ ଦୀର୍ଘଶ୍ୱାସ ॥

ଜାଗରିତ ଜନ୍ମ ନିର୍ବିବାଦ କଳ୍ପ
ବର୍ଣ୍ଣିଯାଅ , ହେ କବି
ଫୁଟିଉଠୁ ତୁମ ଲେଖନୀରୁ ସଦା
ଶାଶ୍ୱତ ସୁନ୍ଦର ଛବି॥

କୋଟି ଜନତାର ହୃଦୟେ ଜଗାଅ
ତ୍ୟାଗ,ତିତିକ୍ଷା,ମୈତ୍ରୀ
କବିତାରେ ତୁମ ପ୍ରତିଭାତ ହେଉ
ସାମ୍ୟ,ସଂହତି, ଶାନ୍ତି ॥

ଆଗାମୀ କାଲିର ପୃଷ୍ଠଦେଶ ପରେ
ସୃଜ ନବ ଦୃଷ୍ଟିଭଙ୍ଗୀ
ମହା ଜାଗତିକ ଚିନ୍ତା ଚେତନାରେ
ପ୍ରତି ପ୍ରାଣ ଉଠୁ ଜାଗି ॥

ମାନବତାର ସ୍ୱର ତୋଳୁ ତୁମ
ଦିବ୍ୟ ଲେଖନୀର ମୁନ
ହେ ବାଣୀ ପୁତ୍ର ! ସୃଜନ ତୁମର
ଜିଣୁ କୋଟି ଜନ ମନ ॥

*ଆଳି, କେନ୍ଦ୍ରାପଡା*

## ଅନ୍ତହୀନ ପ୍ରତୀକ୍ଷା

*ଜଗଜ୍ଜିବନ ସା*



ରଙ୍ଗ ଭରିଦେଇଛି ଫଗୁଣ
ବୃକ୍ଷ ଡାଳ ପତ୍ର ଆସାରରେ
କବିତା ଗାଉଛି ହଳଦୀ ବସନ୍ତ
କୋକିଳ ସହି ନ ପାରି
ଗାଇଯାଏ ଆଧୁନିକ ଗୀତ
ରାଧାକୃଷ୍ଣଙ୍କ ମିଳନରେ
ମହୁରୀଆ ସାଜେ ପବନ କ୍ଷ
ମୀରା ଏହା ଦେଖି ସହିପାରେ ନାଇଁ
ଅଭିମାନ କରି
ଦୂତ ପଠାଏ ପାରାକୁ
ଚିଠି ଲେଖେ କାହ୍ନୁକୁ
ଆମ୍ବ ବଉଳରେ ସଜାଇ ହୋଇ
ଅପେକ୍ଷା କରେ
ସେ ଆସିବେ ଆସିବେ ବୋଲି
ହେଲେ ଉତ୍ତର ନାହିଁ କ୍ଷ
କାଳିଆ ସେଠାରେ ମସଗୁଲ ହେଲା ନି
ହୋଲିରେ ଗାଁ ଗଣ୍ଡାରେ
ସହର ଉଛୁଳି ଉଠିଲାଣି
ବିଭିନ୍ନ ରଙ୍ଗର ଧୂଆଁରେ
କୃଷ୍ଣ ଓ ରାଧାର ରଙ୍ଗରେ ଧରା
ରଙ୍ଗେଇ ହୋଇ ନିଜକୁ ତୃପ୍ତି
ଅନୁଭବ କଲାଣି
ହେଲେ ମୀରାର ଅପେକ୍ଷା
ଅନ୍ତ ହୋଇ ନାଇଁ କ୍ଷ
କେବେ ଆସିବ ବଂଶୀଧର
କେ ଜାଣେ ସ
ଆଜି ବି ସେହି ଅପେକ୍ଷାରେ
ଶ୍ରୀହରି ଆସିବ ଆସିବ କହୁଛି
ଗ୍ରୀଷ୍ମ ଆସି ଝାଳ ବୁହାଇ
ବରଷାର ଲୁହରେ
ନଈ ବୁହାଇ
କିଆରୀ ବିଲ ବାଡ
ଚିରି ସମୁଦ୍ରରେ
ମିଶିଲାଣି
ତଥାପି ମୀରା
ଆଶା ଛାଡି ନାଇ
କାହ୍ନୁ ଆସିବ ଆସିବ କହୁଛିଚ୍

*କୁମ୍ଭାରୀ, ଗୋଲାମୁଣ୍ଡା*
*କଳାହାଣ୍ଡି*

## କେଇ ମୁହୂର୍ତ୍ତର ଅଭୁଲା ସ୍ମୃତି

*କବିରତ୍ନ ନୂତନ କୁମାର ବେହେରା*



କେଇ ମୁହୂର୍ତ୍ତର ଅଭୁଲା ସ୍ମୃତି
ପ୍ରାଣର ସ୍ପନ୍ଦନରେ ଯୋଗାଏ ଇନ୍ଧନ
ହୁଏ ନାହିଁ ତାର ଇତି
ରହିଥାଏ ସତେଜ ସରସ ଜୀବନ୍ତ
ହୃଦୟ ଫରୁଆରେ
ମନ ରଖିଥାଏ ସାଇତି,
ଲାଗୁଥାଏ ଚିର ଶାଶ୍ୱତ
ବିଗତ ଦିନର ମଧୁର ଭାବ ପ୍ରୀତି
ସ୍ମରଣ ମାତ୍ରକେ ନୟନରେ ଯାଏ ନାଚି
ମନ ଝୁରୁଥାଏ ତାକୁ ନିତି।
ତୁମ ସାଥେ ପ୍ରିୟା
ସେ କେଇ ମୁହୂର୍ତ୍ତର ଅଭୁଲା ସ୍ମୃତି
ନିଦରେ ହୁଏ ମୋ ସପନ
ଜାଗ୍ରତେ ଲାଗେ ପୁନେଇଁ ଜହ୍ନର ରାତି,
ଜୀବନ ଯାକ ଦିଏ ନିଆରା ଆନନ୍ଦ
ପବିତ୍ର ଗଭୀର ନିବିଡ଼ ସଂପର୍କଟା ଏମିତି
ନ ଥିଲେ ମଧ୍ୟ ତୁମେ ନିକଟରେ
ଅନୁଭବ କରେ ତୁମକୁ ମୋ ଚେତନା ଶକ୍ତି।
ଭାବନାରେ ଭ୍ରମଣ କରାଏ
ଅଜଣା ରାଇଜେ
ତୁମର କେଇ ମୁହୂର୍ତ୍ତର ଅଭୁଲା ସ୍ମୃତି,
ଏକନିଷ୍ଠ ଭାବେ
ମୋ ଆତ୍ମାରେ ରହିଛ ମିଶି
ତୁମକୁ ଛାଡ଼ି ପାରେନା ମୁଁ କିଛି ଚିନ୍ତି।
ରିକ୍ତ ସୂକ୍ଷ୍ମସତ୍ତା ମୋର
ହୋଇଯାଏ ସିକ୍ତ
ପାଏ ମୁଁ ଅଶେଷ ଅସରନ୍ତି ଶାନ୍ତି ତୃପ୍ତି,
ଏ ଜୀବନ ନୁହେଁ ସ୍ଥାୟୀ
ଥିବାଯାଏଁ ଗାଏ ମୁଁ ତାର ଜୟଗୀତି
ବିଧିର ବିଧାନେ
ବଦଳେ ନାହିଁ ତ ନୀତି ନିୟମ
ଦିନ ଯାଏ ଚାଲି ଅନିୟନ୍ତ୍ରିତ ତା'ର ଗତି।
ବିନ୍ଦୁଟିଏ ହେଲେ ବି
କେଇ ମୁହୂର୍ତ୍ତର ଅଭୁଲା ସ୍ମୃତି
ହୃଦୟ ଭିତରେ ଲାଗେ ଅନନ୍ତ ସିନ୍ଧୁ
ରହିଛି ରହିଥିବ ସେମିତି,
ତ୍ୟାଗ ସମର୍ପଣ ହିଁ
ଜୀବନରେ ଆଣେ ସାର୍ଥକତା
ଆମ ଭଲ ପାଇବାର ପ୍ରମାଣ ଏ ମଧୁ ପ୍ରୀତି।
ସଂସାରର ଥାଉ ଯେତେ ଆସକ୍ତି
ତୁମରି ସାନ୍ନିଧ୍ୟରେ ଖୋଜୁଛି ମୁଁ ମୁକ୍ତି
ଉତ୍ସାହ ପ୍ରେରଣା ମନେ ଭରିଦିଏ
ଅସୀମ ସାହସ ଶକ୍ତି
ଧୈର୍ଯ୍ୟ ଏକମାତ୍ର ବଜାଇ ରଖେ ତା' ସ୍ଥିତି,
ପ୍ରେମର ହୁଏ ନାହିଁ କେବେ ନିର୍ବାଣ
କହି ଦିଏ କେଇ ମୁହୂର୍ତ୍ତର ଅଭୁଲା ସ୍ମୃତି।

*କୋହି,ବାରିପଦା,ମୟୂରଭଞ୍ଜ*

## ଆଶ୍ୱାସନା ଅନ୍ତରାଳେ

*ସୁଧାକର ରାଉତ*



ମନା କରିଥିଲି ତୁମକୁ
ନ ଆସିବାକୁ ଅବେଳରେ ପାଶେ
ଭୁଲିଯାଇ ସବୁ ତାଗିଦା କୁ
ଆସତୁମେ ପୁଣି କେଉଁ ଆଶେ ?
ମନର ସେ ନୁଆଁଣିଆ ଚାଳଘରେ
ଅହରହ ଅତୀତ ବରଷେ
ସନ୍ତସନ୍ତିଆ ଚଟାଣେ କିଏ ଅବା
ରହିବ ହରଷେ ।
ଦେଖୁନାହଁ ଯେତେସବୁ ଦୁଃଖ, ଯନ୍ତ୍ରଣାରେ
ହୋଇଛି ଲିପା ତା ତଳ
ଅନ୍ଧାରଟା ଆସି ଅପ୍ରତ୍ୟାଶିତ
ପରିହାସେ ଚାହେଁ ହୋଇ କାଳ ।
ଅସହାୟ ବୋଲି ଜାଣି ମୋତେ
ପବନଟା ଦଲକାଏ ଆସି
ଆଶ୍ୱାସନା ର ଦିଗ ଟା ଭୁଲି
ବାତ୍ୟା ହୋଇ କ୍ଷତି କରେ ପଶି ।
ନିଃସଙ୍ଗତା ରେ ବ୍ୟଥିତ ମନ
ଖୋଜେ ସ୍ନେହ, ସରାଗର ଛୁଆଁ
ମାତ୍ର ଅସରନ୍ତି ଦୁଃଖ ରାତି
ଝାଉଁଳା ମନେ ଜଳାଏ ନିଆଁ ।
ଜଞ୍ଜିରରେ ବାନ୍ଧି ଜୀବନକୁ
ତୁମଠାରୁ ରଖିଥିଲି ଦୂର
ସକାଳ ସ୍ୱପ୍ନ ଗୋଧୂଳି ଲାଗେ
ଆସେ ହୋଇଣ ଅଳିଭାଗାର ।

*ପ୍ରତାପ ନଗରୀ, କଟକ*
*ମୋ - ୮୨୪୯୯୩୨୭୯୨*

## ସଂସାରୀ ଧରମ

*ନିରଞ୍ଜନ ସାହୁ*



ପଦ୍ମ ପତରରେ ପାଣି ଢଳଢଳ
ସାରୁ ପତରରେ ପୁଣି
ସଂସାରେ ଜୀବନ ଏମିତି ବଞ୍ଚିବ
ଏହି କଥା ଥାଅ ଶୁଣି ।
ମିଛ ମାୟା ଭରା ଏହି ସଂସାରରେ
ଜୀବ ଆସେ ପୁଣି ଯାଏ
ଯେତେ ଚେଷ୍ଟା କଲେ ସାଥିରେ କଦାପି
କିଛି ତ ନେଇ ନ ଥାଏ
ଏହି କଥା ଜାଣି ବଞ୍ଚିବାକୁ ହେବ
ଧରମରେ ଭରି ମୁଣି ।
ସଂସାରେ ରହିବା ସଂସାରୀ ହୋଇବା
ସଂସାର ନ ଲାଗୁ ଟିକେ
ମୋଟାମୋଟି ଭାବେ ବୁଝିବାକୁ ହେବ
ଏହି କଥା ଠିକେଠିକେ
କିଛି ନୁହେଁ ମୋର ସବୁ ଈଶ୍ୱରର
ଏହି ବାଣୀ ହୁଅ ଗୁଣି ।

*ନିହଲ ପ୍ରସାଦ , ଗଁଦିଆ ପାଟଣା*
*ଢେଙ୍କାନାଳ -୭୫୯୦୧୬*
*ମୋ :୯୯୩୮୭୪୧୫୮୩*

## କଜଳ ପାତି

*ଜୟନ୍ତ କୁମାର ମଲ୍ଲିକ୍*

କଜଳ ପାତିରେ କଜଳ ପାତି
ଶୀଘ୍ର ତୁ ଆସିବୁ ନକରି ରାତି ।
ପିଲାମାନେ କେତେ ରହନ୍ତି ଚାହିଁ
ସାଥିଟିଏ ହେବୁ ତାଙ୍କରି ପାଇଁ ।
ତାଙ୍କ ସାଥେ ମିଶି ଖେଳ କରିବୁ
ଖେଳ ସରିଗଲେ ଘରକୁ ଯିବୁ ।
ଚାହିଁ ବସିଛନ୍ତି ତୋହରି ପିଲା
ଆହାର ଦେବୁ ତୁ ନକରି ଢିଲା ।
ଖାଇ ସାରି ପିଲା ଖୁସି ହୋଇବେ
ମାଆ ମାଆ କରି କେତେ ଡାକିବେ ।
ଗୀତ ଶୁଣିବାକୁ କରିବେ ଅଳି
କୋଳକୁ ନେବୁ ତୁ ନକରି ଗାଳି ।
ତାଙ୍କ କଥାରଖି ଗାଇବୁ ଗୀତ
ଭୁଲିଯିବେ ସିଏ ବରଷା ଶୀତ ।
ଗୀତ ଶୁଣୁଶୁଣୁ ସେମାନେ ଯାଇ
ତୋଓ କୋଳେ ଯିବେ ଆନନ୍ଦେ ଶୋଇ।
କୋଳଟି ତୋହର କେଡ ? ସୁନ୍ଦର
ତାଙ୍କୁ କରିବୁନି ପାଖରୁ ଦୂର ।

*ଶୁରଡିହ,ନନ୍ଦିପୁର, ଯାଜପୁର*
*ଆଳାପ: ୯୪୩୭୮୬୫୭୨୭*

## ତୁମ ସ୍ମୃତି

*ରମାକାନ୍ତ ଦାସ*



ତୁମ ସ୍ମୃତି ଭାସେ ଆଖିର ଲୁହରେ
ମୋ ସ୍ୱପ୍ନଭାଙ୍ଗେ ତୁମ ଛଳନା ସହରେ ॥
ମୋ ଆଶା ସବୁ ଆଜି ଧୂଳି ଧୂସରିତ
ତୁମ ପ୍ରେମ ଆଗେ ହୋଇଛି ପରାସ୍ତ ॥
ତୁମ ଛୁଆଁ ଖୋଜେ ମୋ ନଗ୍ନ ହୃଦୟ
ପାଇବାର ପିପାସାରେ ହାରିବାର ଭୟ ॥
ମୋ ଅନ୍ତର ଜଳେ ଅୟୁତ ଯୁଗ ଯନ୍ତ୍ରଣାରେ
ତୁମ ବାଟଚାହିଁ ବସେ ନିଃଶବ୍ଦ ରାତିରେ ॥
ଅନୁତାପ ଆକାଶେ ଯନ୍ତ୍ରଣାର
ମେଘଝରେ
ହୃଦୟ ବନ୍ଦୀ ହୁଏ
ଅବଶୋଷ କାରାଗାରେ ॥
ମୁଁ ଖୋଜେ ତୁମକୁ କ୍ଷଣ କ୍ଷଣ କଳ୍ପନାରେ
ସମୟକୁ ଡେଉ କରି ନୟନ ସାଗରେ ॥
ଲୁଚି ଲୁଚି କାଟେ ରାତି ଅନ୍ଧାରି କକ୍ଷରେ
ଶଯ୍ୟାଶାୟୀ ହୁଏ ମୁଁ
ବିବଶତାର ପଲଙ୍କରେ ॥
ତୁମ ବାଟଚାହିଁ ବସେ ଯନ୍ତ୍ରଣା ଦୁଆରେ
ତୁମ ସ୍ମୃତିକୁ ସାଉଁଟେ ମୋ
ବୁଜା ପଲକରେ ॥
ତୁମ ପ୍ରୀତି ଛୁଆଁ ପାଇଁ ହୁଅଇ ଅଧିର
ମୋ ଉବୁଟୁବୁ ପ୍ରାଣ ଜଳେ ନିରନ୍ତର ॥
ତୁମ ସ୍ୱପ୍ନ ଲହରୀ ସବୁ
ଆତତାୟୀ ସାଜନ୍ତି
ମୋ ଜୁଡୁବୁଡୁ ମନକୁ ସ୍ମୃତିରେ ଭିଜାନ୍ତି ॥

*ନନ୍ଦିଗ୍ରାମ , ନାଉଗାଁ, ଜଗତସିଂହପୁର*
*ମୋ - ୯୬୬୮୮୧୫୩୬୯*


## ବୋଉ ! ତୁ ଯିବା ପରେ


*ଲୋକନାଥ ମହାପାତ୍ର*

ବୋଉ ! ଥିଲୁ ତୁ ଆମ ଜୀବନର ଗୀତି
ସୁଖେ ଦିନ ଯାଉଥିଲା ବିତି
କେଜାଣି କାହାର ଲାଗିଲା ନଜର
ତୁ ଆମ ଠାରୁ ହୋଇଗଲୁ ଦୂର
ବୋଉ ! ତୁ ଯିବା ପରେ
ବସନ୍ତ ଚାଲିଗଲା ଆମ ଜୀବନରେ ।
ଜୀବନଟା ଲାଗିଲାଣି ବୋଝ
ତୋ ବିନା ବଞ୍ଚିବୁ କେମନ୍ତ
ହୃଦୟେ ସତେଜ ତୋ ସ୍ମୃତି
ସନେହ ସରାଗ ଅନୁଭୂତି
ବୋଉ ! ତୁ ଯିବା ପରେ
ବସନ୍ତ ଚାଲିଗଲା ଆମ ଜୀବନରେ ।
ତୋ ବିନା ସବୁ ଲାଗେ ନିରସ
ହଜିଛି ଜୀବନୁ ଆମ ହସ
ମନ ଆମ ଝୁରେ ତୋତେ ନିତି
ତୋ ବିନା ଭଲ ? ଲାଗୁନାହିଁ କିଛି
ବୋଉ ! ତୁ ଯିବା ପରେ
ବସନ୍ତ ଚାଲିଗଲା ଆମ ଜୀବନରେ ।

*ଗୋଲାପଲ୍ଲୀ ସାହି, ବ୍ରହ୍ମପୁର*

## ତୁମେ ସଂପୂର୍ଣ୍ଣ କାବ୍ୟ


ମୂଳ ରଚନା
ଶୈଳେଶ ଗୁପ୍ତା ବୀର


ଇଂରାଜୀ ରୁ ଅନୁବାଦ
ଦେବଯାନୀ ଦାସ

ମୁଁ ଶବ୍ଦ ତ ତୁମେ ଶବ୍ଦକୋଷ
ମୁଁ ଧ୍ୱନି ହେଲେ ତୁମେ ତା ଭାବାର୍ଥ ।


ମୁଁ ସାଧା କାଗଜ ଟିଏ
ତୁମେ ତ ଲେଖନୀ,
ମୁଁ ବାଦ୍ୟ ର ଦେହ ତ ତୁମେ
ତରଙ୍ଗିଣୀ ।

ମୁଁ ସରଳ ବାକ୍ୟ ଟିଏ
ତୁମେ ତାର ଛନ୍ଦ ଆଉ ଲୟ,
ତୁମେ ସାହିତ୍ୟ ହେଲେ
ମୁଁ ବ୍ୟାକରଣ କେବଳ।

ଯେବେ ବିଛୁରି ଦିଅ ତମେ
ଶବ୍ଦ ଯେତେ ପବନ ରେ
ତୋଳି ନିଏ ତାକୁ ମୁଁ ସିନା
ତମେ ମୋ ବିଚାର ର ଶକ୍ତି ହେଲେ
ମୁଁ କେବଳ ଭାବନା ।

ତୁମେ ତ ସଂପୂର୍ଣ୍ଣ କାବ୍ୟ
ମୁଁ ମାତ୍ର କବିତା ର ଭାବ,
ତୁମ ବିନା କିଛି ବି ନୁହେଁ ମୁଁ
ତୁମେ ମୋ ଜୀବନ ର
ସମ୍ପୂର୍ଣ୍ଣ କାବ୍ୟ।

*ବାଲେଶ୍ୱର*




# ନ୍ୟାୟ ପ୍ରଦାନ କ୍ଷେତ୍ରରେ ସହମତ ନାହିଁ

ଦେଶର ଶାସନ ଚଳାଇବା କାର୍ଯ୍ୟ ତିନୋଟି ବିଭାଗ ଉପରେ ପ୍ରଧାନତଃ ନିର୍ଭର କରେ। ସେଇ ତିନୋଟି ବିଭାଗ ହେଉଛି ବିଧିପାଳିକା, କାର୍ଯ୍ୟପାଳିକା ଓ ନ୍ୟାୟପାଳିକା। ଶାସନର ଅଂଶ ନହୋଇ ବି ଗଣମାଧ୍ୟମକୁ ଶାସନର ଚତୁର୍ଥ ସ୍ତମ୍ଭ ଏଇ କାରଣରୁ କୁହାଯାଏ ଯେ ଶାସନ କାର୍ଯ୍ୟ ସମ୍ପର୍କରେ ତିନୋଟି ବିଭାଗ ଯାହା କରନ୍ତି, ସେସବୁ ଗଣମାଧ୍ୟମରେ ପ୍ରସାର ଓ ପ୍ରଚାର କରାଯାଇଥାଏ ଏବଂ ଏହାର ଭଲ ମନ୍ଦ ଦିଗ ସମ୍ପର୍କରେ ଲୋକମାନଙ୍କୁ ଜଣାଇଥାଏ। ସେହିପରି ଲୋକମାନଙ୍କର ଅଭାବ ଅସୁବିଧା ନୂଆ ଆଇନ ସମ୍ପର୍କରେ ପ୍ରତିକ୍ରିୟା ଶାସନର ବିଭିନ୍ନ ବିଭାଗର କାର୍ଯ୍ୟାବଳୀ ଜନସାଧାରଣଙ୍କୁ ଜଣାଇଥାଏ। ଆମ ଦେଶର ଗଣମାଧ୍ୟମ ବେଶ ଦୃଢ଼ ଓ ସଚେତନ ଏବଂ ସ୍ୱାଧୀନତା ସଂଗ୍ରାମରେ ଏହାର ଅବଦାନ ଅନନ୍ୟ। ଏବେ ବି ସୁଶାସନ ଜନସାଧାରଣଙ୍କୁ ସମ୍ପୂର୍ଣ୍ଣ ରୂପେ ମିଳିନାହିଁ। କାର୍ଯ୍ୟପାଳିକାର ଅବହେଳା, ଭୁଲ ଓ ତ୍ରୁଟି ଯୋଗୁଁ ସରକାରଙ୍କ ଜନହିତକର କାର୍ଯ୍ୟର ସୁଫଳ ଲୋକମାନଙ୍କ ପାଖରେ ଠିକ୍ ସମୟରେ ପହଞ୍ଚେ ନାହିଁ। ସେହିପରି କେତେକ ଜରୁରୀ ବିଷୟରେ ଲୋକମାନଙ୍କୁ ଅଧିକାର ଦେବା ପାଇଁ ବିଧିପାଳିକା ଅର୍ଥାତ୍ ବିଧାନସଭା ଯେପରି ଯଥା ସମୟରେ ନୂଆ ଆଇନ ପ୍ରଣୟନ କରିବ କିମ୍ବା ଆଇନକୁ ସଂଶୋଧନ କରିବା ତାହା ମଧ୍ୟ ହୁଏନାହିଁ। ଏ ଦୁଇଟି ବିଭାଗର କାର୍ଯ୍ୟ ଲୋକମାନଙ୍କର ଅଭାବ ଅସୁବିଧା ଦୂର କରିଥାଏ। ସେଥିରେ ତ୍ରୁଟି ହେଲେ ଲୋକମାନେ ନ୍ୟାୟପାଳିକାର ଆଶ୍ରୟ ନିଅନ୍ତି। ଭାରତୀୟ ନ୍ୟାୟ ପ୍ରଦାନ ସଂସ୍ଥାର ଐତିହ୍ୟ ଏବଂ ପରମ୍ପରା ଉଚ୍ଚକୋଟୀର। ଉଚ୍ଚ ନ୍ୟାୟାଳୟ ଏବଂ ସର୍ବୋଚ୍ଚ ନ୍ୟାୟାଳୟ ଲୋକମାନଙ୍କର ବଞ୍ଚିବା ଅଧିକାର, ମତପ୍ରକାଶ କରିବା ଅଧିକାର, ବିଶ୍ୱାସ ଅନୁସାରେ ପୂଜା ପ୍ରାର୍ଥନା କରିବା ଅଧିକାର ପ୍ରଭୃତି ସମ୍ବିଧାନ ପ୍ରଦତ୍ତ ଅଧିକାର କାର୍ଯ୍ୟକାରୀ କରିବାରେ ଯଦି ନ୍ୟାୟପାଳିକା ଓ କାର୍ଯ୍ୟପାଳିକା ମଧ୍ୟରେ ସଂଯୋଗ ଓ ସହଯୋଗ ନଥାଏ ବା ଆଇନର ଦୁରୁପଯୋଗ କରି ଶାସନ କିଛି ନୀତି ବହିର୍ଭୁତ କାର୍ଯ୍ୟ କରେ। ତେବେ ଜନସାଧାରଣ ହିଁ ନ୍ୟାୟ ପାଇବାରୁ ବଞ୍ଚିତ ହୁଅନ୍ତି। ଏଇ କାରଣରୁ ନ୍ୟାୟାଳୟରେ ଶୂନ୍ୟପଦ ରହିବା ଉଚିତ ନୁହେଁ। ସର୍ବୋଚ୍ଚ ନ୍ୟାୟାଳୟର ପ୍ରାୟ ଛଅଟି ପଦ ଖାଲି ରହିଥିବାବେଳେ ୨୪ଟି ଉଚ୍ଚନ୍ୟାୟାଳୟର ୪୦୦ରୁ ଅଧିକ ବିଚାରପତି ପଦ ଖାଲି ରହିଛି। ଜିଲ୍ଲାସ୍ତରୀୟ ନ୍ୟାୟାଳୟ ପାଇଁ ଭିନ୍ନ ବ୍ୟବସ୍ଥା ଥିବାବେଳେ ଉଚ୍ଚ ନ୍ୟାୟାଳୟରେ ଅଧିକାର ଓ କର୍ତ୍ତବ୍ୟ ଜନସ୍ୱାର୍ଥ ରକ୍ଷାପାଇଁ ଅଧିକ ଉପଯୋଗ ହେଉଥିବାରୁ ଉଚ୍ଚନ୍ୟାୟାଳୟମାନଙ୍କରେ ଅଧିକ ଖାଲି ପଦ ରହିଥିବାରୁ ଲୋକଙ୍କୁ ନ୍ୟାୟ ମିଳିବାରେ ବିଳମ୍ବରେ ହେଉଛି। ଉଚ୍ଚନ୍ୟାୟାଳୟ ଓ ସର୍ବୋଚ୍ଚନ୍ୟାୟାଳୟ ପାଇଁ ବିଚାରପତି ମନୋନୟନ ଓ ନିଯୁକ୍ତି କରିବା କାମ ସର୍ବୋଚ୍ଚନ୍ୟାୟାଳୟର ୪ଜଣ ବରିଷ୍ଠ ବିଚାରପତିଙ୍କୁ ନେଇ ଗଠିତ କଲେଜିୟମ ସମ୍ପାଦନ କରିଥାଏ। ଉଚ୍ଚ ନ୍ୟାୟାଳୟର ବିଚାରପତି ପଦ ମନୋନୀତ କରିବା କଲେଜିୟମ ହାତରେ ନ୍ୟସ୍ତ ଥାଏ। ନ୍ୟାୟ ବିଭାଗକୁ କାର୍ଯ୍ୟପାଳିକା ଓ ରାଜନୀତିକ ପ୍ରଭାବରୁ ମୁକ୍ତ ରଖିବା ପାଇଁ କଲେଜିୟମ ବ୍ୟବସ୍ଥା ସୁଚାରୁରୂପେ କାର୍ଯ୍ୟ କରି ଆସୁଛି। କିନ୍ତୁ ଏଥିରେ କାର୍ଯ୍ୟପାଳିକାର କୌଣସି ଭୂମିକା ରହୁନଥିବାରୁ ବିଚାରପତି ମନୋନୟନ, ନିଯୁକ୍ତି ଓ ଉତ୍ତରଦାୟିତ୍ୱ ନିୟନ୍ତ୍ରଣ କରିବା ପାଇଁ ସରକାର ଏକ ବିଲ ପ୍ରଣୟନ କରିଥିଲେ। କିନ୍ତୁ ତାହା ବିରୋଧରେ ବୃହତ୍ତର ଜନସ୍ୱାର୍ଥ ରକ୍ଷା ଉଦ୍ଦେଶ୍ୟରେ ସର୍ବୋଚ୍ଚ ନ୍ୟାୟାଳୟରେ ନିବେଦନ କରାଯିବାରୁ ସର୍ବୋଚ୍ଚ ନ୍ୟାୟାଳୟ ସେଇ ଆଇନ ଅସିଦ୍ଧ କରିଦେଲେ। ତା'ପରେ ନ୍ୟାୟପାଳିକା ଓ କାର୍ଯ୍ୟପାଳିକା ମଧ୍ୟରେ ମନାନ୍ତର ଓ ମତାନ୍ତର ବଢ଼ିବାରେ ଲାଗିଛି। କେତେମାସ ପୂର୍ବେ ଖାଲିଥିବା ଉଚ୍ଚ ନ୍ୟାୟାଳୟର ବିଚାରପତି ନିଯୁକ୍ତ କରିବା ପାଇଁ ସର୍ବୋଚ୍ଚ ନ୍ୟାୟାଳୟ ଅନୁମୋଦନ କରିଥିବା ୭୭ ଜଣ ପ୍ରାର୍ଥୀଙ୍କ ନାମ ସରକାରଙ୍କ ପାଖକୁ ପଠାଇଥିଲେ। ସେଥିରେ ଅନେକ ବିଳମ୍ବ ଘଟିବାରୁ ସର୍ବୋଚ୍ଚ ନ୍ୟାୟାଳୟ ପ୍ରଧାନ ବିଚାରପତି ଏ ବିଷୟରେ ପ୍ରଧାନମନ୍ତ୍ରୀଙ୍କ ସହିତ ଆଲୋଚନା କରିବା ପରେ ଶେଷରେ ସରକାର ଏଥିରୁ ୩୪ ଜଣଙ୍କୁ ନିଯୁକ୍ତି ଦେବା ପାଇଁ ନିଷ୍ପତ୍ତି ନେଲେ ଏବଂ ଆଉ ୪୪ଜଣଙ୍କ ନାମ ସର୍ବୋଚ୍ଚ ନ୍ୟାୟାଳୟକୁ ଫେରାଇ ଦେଲେ। ସର୍ବୋଚ୍ଚ ନ୍ୟାୟାଳୟର ବରିଷ୍ଠ ବିଚାରପତିଙ୍କ ଦ୍ୱାରା ମନୋନୀତ ୪୪ଜଣଙ୍କର ନାମ ସରକାର ଅନୁମୋଦନ ନକରିବା ଏକ ବିରଳ ଘଟଣା। ପ୍ରଥମ କଥା ହେଉଛି ଯେ ଏହି ୪୪ଜଣଙ୍କୁ ସରକାର କାହିଁକି ଗ୍ରହଣ କଲେ ନାହିଁ ସେ ବିଷୟରେ ଅବଶ୍ୟ ସର୍ବୋଚ୍ଚ ନ୍ୟାୟାଳୟକୁ ଜଣାଇଥିବେ। ସରକାରଙ୍କ ସୁପାରିଶ ଯଦି ସର୍ବୋଚ୍ଚ ନ୍ୟାୟାଳୟର କଲେଜିୟମ ଗ୍ରହଣ ନକରନ୍ତି ଏବଂ ସେହି ନାମ ପୁନର୍ବାର ସରକାରଙ୍କ ପାଖକୁ ପଠାନ୍ତି ତେବେ ସେ ୪୪ଜଣଙ୍କୁ ମଧ୍ୟ ନିଯୁକ୍ତି ଓ ଉତ୍ତରଦାୟିତ୍ୱ ଆଇନ ରଦ୍ଦ କରିଦେବା ପରେ ଆଉ ଏ ବିଷୟ ଯେ ଅଧିକ ଘ୍ଣାଚକଟା ନକରି ଅବଶିଷ୍ଟ ୪୪ଜଣଙ୍କୁ ସରକାର ନିଯୁକ୍ତି ଦବା ପାଇଁ ଯଦି ରାଜି ହୁଅନ୍ତି ତେବେ ଗୃହପ୍ରବେଶ ପୂର୍ବରୁ ମଥାରେ ଚାଳ ବାଜିବା ପରି ଅବସ୍ଥା ସୃଷ୍ଟି ହେବ। ଏଇ ବ୍ୟବସ୍ଥା ଅନୁସାରେ ଯଦି ବିଚାରପତି ନିଯୁକ୍ତି କରାନଯାଏ ବା ସେଥିରେ ବିଳମ୍ବ ହୁଏ ତେବେ ଅଦାଲତ କାର୍ଯ୍ୟରେ ପ୍ରତିବନ୍ଧକ ସୃଷ୍ଟି ହେବ। କୁହାଯାଇଛି ଯେ ବିଳମ୍ବରେ ନ୍ୟାୟ ପ୍ରଦାନ କରିବା ନ୍ୟାୟ ନଦେବା ସହିତ ସମାନ। ସୁତରାଂ ଏ ବିଷୟରେ ସୁପ୍ରିମକୋର୍ଟ ଓ ସରକାରଙ୍କ ମଧ୍ୟରେ ଯେତେ ଶୀଘ୍ର ବୁଝାମଣା ଓ ନିଷ୍ପତ୍ତି ନିଆଯାଇପାରେ ତାହା ନ୍ୟାୟ ପ୍ରଦାନ ବ୍ୟବସ୍ଥାକୁ ସେହି ପରିମାଣରେ ଲୋକାଭିମୁଖୀ କରିବ। ଉଭୟଙ୍କ ମଧ୍ୟରେ ବୁଝାମଣା ଜନସ୍ୱାର୍ଥ ରକ୍ଷା କରିବା ଦିଗରେ କେବଳ ସହାୟକ ହେବ ନାହିଁ, ନ୍ୟାୟ ପ୍ରଦାନ ବ୍ୟବସ୍ଥାକୁ ଅଧିକ ସକ୍ରିୟ ଓ ଗତିଶୀଳ କରିବ।

### ବଡ଼ଝରିଲୋ କାଳୀପୂଜା ପାଇଁ ବୈଠକ

ଫୁଲନଖରା (ପିଏନ୍)-ସଦର ଥାନା ଅନ୍ତର୍ଗତ ବଡ଼ଝରିଲୋ ମା' ଶ୍ୟାମାକାଳୀ ସାଂସ୍କୃତିକ ପରିଷଦ ଆନୁକୂଲ୍ୟରେ ୪୯ତମ ବାର୍ଷିକ ମା'ଶ୍ୟାମାକାଳୀଙ୍କ ପୂଜା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆସନ୍ତା ୨୪ତାରିଖଠାରୁ ଆରମ୍ଭ ହୋଇ ୩୧ତାରିଖ ୮ଦିନ ପର୍ଯ୍ୟନ୍ତ ଚାଲିବ। ଏହି ଉପଲକ୍ଷେ ଏକ ପ୍ରେସ୍ ମିଟ ସୁବୋଧ ପଟ୍ଟନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ସଭାପତି ଅନୁପ ସାସମଲ, ସମ୍ପାଦକ ମନୋରଂଜନ ଦାସ, ସାଂସ୍କୃତିକ ସମ୍ପାଦକ ଦିନେଶ ଦାସ, ଶୈଲେନ ଦାସ, ନିତାଇଗୌର ଦାସ, ରବିନାରାୟଣ ଦାସ, କାମଦେବ ଭୋଇ ଓ ରମେଶଚନ୍ଦ୍ର ସ୍ୱାଇଁଙ୍କ ସମେତ ସୌମ୍ୟରଂଜନ ପଟ୍ଟନାୟକ, ବାବାନୀ ସିହ୍ନା, ସୁଶାନ୍ତ ସାସମଲ ପ୍ରମୁଖ ଉପସ୍ଥିତ ଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମ ଆକାରରେ ଚାରିଦିନ ବ୍ୟାପୀ ସାମାଜିକ ନାଟକ ପ୍ରତିଯୋଗିତା ସହିତ ଭଜନ ସଂଧ୍ୟା, ପୁରସ୍କାର ବିତରଣ ଉତ୍ସବ ଓ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହେବ; ଏତଦ୍‌ବ୍ୟତୀତ ଫୁଲନଖରା-ନିଆଳି ରାସ୍ତାପାର୍ଶ୍ୱ ଶ୍ୟାମାକାଳୀ ପଡ଼ିଆରେ ଶତାଧିକ ଅସ୍ଥାୟୀ ଦୋକାନକୁ ନେଇ ମୀନାବଜାର ଖୋଲିବ ବୋଲି ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଥିଲା। ଉତ୍ସବର ସୁପରିଚାଳନା ତଥା ଶାନ୍ତିଶୃଙ୍ଖଳା ପାଇଁ ସଦର ଥାନା ପକ୍ଷରୁ ଏକ ପ୍ଲାଟୁନ ପୁଲିସ ମୁତୟନ ହେବ ଓ ନଭେମ୍ବର ୧ରେ ଭସାଣ କାର୍ଯ୍ୟ ସମ୍ପନ୍ନ ହେବାକୁ ସ୍ଥିର ହୋଇଥିଲା। ଦୀପକ ପାଲ ଓ ସନ୍ତୋଷ ସିହ୍ନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ବ୍ରାହ୍ମଣଝରିଲୋ କଲେଜରୁ ୪୬ ୟୁନିଟ ରକ୍ତ ସଂଗ୍ରହ



ଫୁଲନଖରା (ପିଏନ୍)-ବାରଙ୍ଗ ବ୍ଲକ ଅନ୍ତର୍ଗତ ବ୍ରାହ୍ମଣଝରିଲୋ ମହାବିଦ୍ୟାଳୟରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। କଲେଜର ୟୁଥ ରେଡ଼କ୍ରସ, ଏନଏସଏସ ଓ ଏନସିସି ଛାତ୍ରଛାତ୍ରୀମାନଙ୍କ ପକ୍ଷରୁ ଆୟୋଜିତ ଏହି ଶିବିରରୁ କଟକ କେନ୍ଦ୍ରୀୟ ରେଡ଼କ୍ରସ ରକ୍ତଭଣ୍ଡାର ଡାକ୍ତର ଅଭୟ ପାତ୍ର ଓ କର୍ମଚାରୀଙ୍କ ସହାୟତାରେ ମୋଟ ୪୬ ୟୁନିଟ ରକ୍ତ ସଂଗୃହିତ ହୋଇଥିଲା। କଲେଜ ଅଧକ୍ଷ ପ୍ରବୁଦ୍ଧକୁମାର ଷଡ଼ଙ୍ଗୀ ଶିବିରକୁ ଉଦ୍‌ଘାଟନ କରିଥିଲେ। ଅଧାପକ ବିଜୟ କୁମାର ଦାସ, ଅକ୍ଷୟ କୁମାର ଆଞ୍ଚଳ, ଅଧାପିକା ପ୍ରଜ୍ଞା ବେହେରା, ଉପାସନା ସାହୁ ଓ ଆଶାଲତା ନାଥ ସ୍ୱେଚ୍ଛାସେବୀଙ୍କୁ ଉତ୍ସାହିତ କରିବା ସହିତ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

### ବିପୁଳ ପରିମାଣରେ ଜିଞ୍ଜର ଜବତ: ଦୁଇ ଗିରଫ

ବାଲେଶ୍ୱର (ପିଏନ୍)-ଖନ୍ତପଡ଼ା ଥାନା ଅନ୍ତର୍ଗତ ଶେରଗଡ଼ ଅଞ୍ଚଳରୁ ଚୋରା ଚାଲାଣ ବେଳେ ବାଲେଶ୍ୱର ଅବକାରୀ ବିଭାଗ ଏକ ଟାଟା ଏସି ବୋଝେଇ ଜିଞ୍ଜର ଜବତ କରିଛି। ଏଥିସହିତ ଦୁଇଜଣ ଅଭିଯୁକ୍ତଙ୍କୁ ଗିରଫ କରିଥିବାର ଜଣାପଡ଼ିଛି। ସୂଚନା ଥାଉ କି, ପଶ୍ଚିମବଙ୍ଗରୁ ବାଲେଶ୍ୱର ସୋର ଅଞ୍ଚଳକୁ ଯାଉଥିବା ପିକପ୍ ଗାଡ଼ି ଯାହାର ନଂ- ଓଡ଼ି ୦୯- କ୍ୟୁ ୩୯୨୬ ଗାଡ଼ିରେ ବିପୁଳ ପରିମାଣରେ ନିଶା ଦ୍ରବ୍ୟ ଜିଞ୍ଜର ଚୋରା ଚାଲାଣ ହେଉଥିବା ଖବର ପାଇ ବାଲେଶ୍ୱର ଅବକାରୀ ବିଭାଗ ଚଢ଼ାଉ କରି ଜବତ କରିଛି। ଏହି ଗାଡ଼ିରେ ୫୦୦ ବୋତଲ ଜିଞ୍ଜର ଯାହାର ବଜାର ମୂଲ୍ୟ ୨ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ ଜବତ ହୋଇଛି। ଏହି କାରବାରରେ ସଂପୃକ୍ତ ୨ ଜଣ ଅଭିଯୁକ୍ତ ନିରଞ୍ଜନ ମଲ୍ଲିକ, ସଞ୍ଜୟ ମଲ୍ଲିକଙ୍କୁ ଗିରଫ କରାଯାଇଛି।

# ଗର୍ଭାବସ୍ଥାରେ ମଧୁମେହ

ଏମିତି ବି ହୋଇପାରେ ଗର୍ଭାବସ୍ଥାରେ ହୋଇଥିବା ଡାଇବେଟିସ୍ ସ୍ଥାୟୀ ଭାବରେ ରହେନାହିଁ। ସୁସ୍ଥ ଖାଦ୍ୟପେୟ ଓ ବ୍ୟାୟାମ କରିବା ଦ୍ୱାରା ଏହା ଦୂରେଇ ଯାଏ। ଏହା କିନ୍ତୁ ଗର୍ଭବତୀ ମହିଳାଙ୍କ ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପକାଏ। ଏଣୁ ଗର୍ଭଧାରଣ କରିଥିବା ପ୍ରତ୍ୟେକ ମହିଳା ଶୁଗାର ସ୍ତର ପରୀକ୍ଷା କରିବା ଦରକାର। ଏହାର ଶିକାର ହେବା ଦ୍ୱାରା ଉଭୟ ମା' ଓ ପିଲାର ପ୍ରଭାବିତ ହୋଇଥାନ୍ତି। ଗର୍ଭକାଳୀନ ମଧୁମେହ ଯୋଗୁଁ ମା'ଓ ପିଲା ଉଭୟଙ୍କ ପାଇଁ ଶରୀରରୁ ଆବଶ୍ୟକ ଇନ୍‌ସୁଲିନ ନିର୍ଗତ ହୋଇପାରେ ନାହିଁ। ଫଳରେ ମା' ଓ ପିଲା ଅସୁସ୍ଥ ହୋଇଥାନ୍ତି। ପିଲା ଜନ୍ମ ହେବା ପରେ ମା' ଠାରେ ଡାଇବେଟିସ୍ ରହିନପାରେ। ହେଲେ ଏହା ଗର୍ଭାବସ୍ଥାରେ ଦେଖାଯାଏ। ତେବେ ଗର୍ଭାବସ୍ଥାରେ ମଧୁମେହ ହେବାର କାରଣ କ'ଣ ହୋଇପାରେ।

**କାରଣ:** ଯଦିଓ ଗର୍ଭକାଳୀନ ଡାଇବେଟିସ୍ ବଂଶଗତ ନୁହେଁ, ଏହା ଗର୍ଭବତୀ ମହିଳାଙ୍କୁ ବିଭିନ୍ନ କାରଣରୁ ପ୍ରଭାବିତ କରିଥାଏ। ଗର୍ଭାବସ୍ଥାରେ ଡାଇବେଟିସ୍ ହେବାର ବିଭିନ୍ନ କାରଣ ମଧ୍ୟରୁ ପ୍ରଥମ ମୁଖ୍ୟ କାରଣ ହେଉଛି ଅଧିକ ଓଜନ। ମେଦବହୁଳ ଓ ଅଧିକ ଓଜନ ହୋଇଥିବା ମହିଳାମାନେ ଗର୍ଭାବସ୍ଥାରେ ଡାଇବେଟିସର ଶିକାର ହୋଇଥାନ୍ତି। ଏଣୁ ଏପରି ମହିଳାମାନେ ଗର୍ଭବତୀ ପୂର୍ବରୁ ଡାକ୍ତରଙ୍କ ପରାମର୍ଶରେ ରୁହନ୍ତୁ। ଦ୍ୱିତୀୟତଃ ଯଦି ବଂଶରେ କାହାର ଡାଇବେଟିସ୍ ଥାଏ ତାହାହେଲେ ଗର୍ଭାବସ୍ଥାରେ ଡାଇବେଟିସ୍ ହେବାର ଆଶଙ୍କା ଥାଏ। ତୃତୀୟରେ ଯଦି ଆପଣ ଡାଇବେଟିସ୍‌ର ଶିକାର ହୋଇନଥାନ୍ତି, କିନ୍ତୁ ରକ୍ତରେ ଶୁଗାର ସ୍ତର ଅଧିକ ରହିଛି, ତାହାହେଲେ ଗର୍ଭାବସ୍ଥାରେ ଡାଇବେଟିସ୍ ହୋଇଥାଏ।

ଚତୁର୍ଥରେ ପ୍ରଥମ ସନ୍ତାନ ସମୟରେ ଯଦି ଡାଇବେଟିସ୍ ନଥାଏ ହେଲେ ଆପଣଙ୍କର ପ୍ରସବ ପିଲାର ଓଜନ ୪ କେଜିରୁ ଉପରକୁ ଥିଲେ ଦ୍ୱିତୀୟ ଥର ଗର୍ଭାବସ୍ଥାରେ ଡାଇବେଟିସ୍‌ର ଆଶଙ୍କା ଅଧିକ ବଢ଼ିଯାଏ। ଶେଷରେ ୨୫ ବର୍ଷରୁ ଉର୍ଦ୍ଧ୍ୱ ବୟସରେ ଗର୍ଭବତୀ ହେଲେ ଗର୍ଭାବସ୍ଥାରେ ଡାଇବେଟିସ୍‌ର ଆଶଙ୍କା ବଢ଼ିଯାଏ। ଅନ୍ୟପକ୍ଷରେ ପିସିଓଡ଼ି, ପିସିଓଡି ଯୋଗୁଁ ରକ୍ତରେ ଉଚ୍ଚ ଶୁଗାର ସ୍ତର ଆଦି ଥିଲେ ଗର୍ଭାବସ୍ଥା ଡାଇବେଟିସ୍‌ର ଆଶଙ୍କା ବଢ଼ିଯାଏ।

**ଲକ୍ଷଣ:** ଗର୍ଭାବସ୍ଥାରେ ଡାଇବେଟିସ୍ ଗର୍ଭଧାରଣର ୨୪ ସପ୍ତାହ ପରେ ଶୁଗାର ପରୀକ୍ଷାରୁ ଜଣାପଡ଼େ। ଏହି ଡାଇବେଟିସ୍‌ର ଲକ୍ଷଣ ଖୁବ୍ କମ୍ ଦେଖାଯାଏ। ଏଣୁ ଏହାକୁ ଚିହ୍ନଟ କରିବା ସହଜ ହୋଇନଥାଏ। ଗର୍ଭଧାରଣ ମାସେ ଭିତରେ ଯଦି ଦୁର୍ବଳ ଲାଗୁଥାଏ, ପାଟି ଶୁଖିଯାଉଥାଏ ତାହାଲେ ରକ୍ତରେ ଶୁଗାର ସ୍ତର ପରୀକ୍ଷା କରିବା ଦରକାର। ଏହି ପରୀକ୍ଷା ବିଳମ୍ବ କରିବା ଅନୁଚିତ। ଗର୍ଭାବସ୍ଥା ସମୟରେ ବାରମ୍ବାର ପରିସ୍ରା ଲାଗୁଥିଲେ, ଏ ବିଷୟରେ ଡାକ୍ତରଙ୍କୁ ନିଶ୍ଚିତ ଜଣାନ୍ତୁ। ବାରମ୍ବାର ଶୋଷ ହେଉଥିଲେ ଅବା ତ୍ଣି ଶୁଖିଯାଉଥିଲେ ଡାକ୍ତରଙ୍କୁ ଜଣାନ୍ତୁ। କାରଣ ଏହା ମଧ୍ୟ ଗର୍ଭାବସ୍ଥାରେ ଡାଇବେଟିସ୍‌ର ସୂକ୍ଷ୍ମ ଲକ୍ଷଣ। ଯଦି ରକ୍ତରେ ଶୁଗାର ସ୍ତର ଅସାମାନ୍ୟ ହୋଇଥାଏ ଡାକ୍ତରଙ୍କୁ ଜଣାନ୍ତୁ। କାରଣ ଅନ୍ୟାନ୍ୟ ଦିନ ଅପେକ୍ଷା ଏହି ସମୟରେ ଅଧିକ ଖାଦ୍ୟ ଗ୍ରହଣ କରୁଥିବାରୁ ଶୁଗାର ସ୍ତର ବଢ଼ିଯାଏ। ଶୁଗାର ସ୍ତର ବଢ଼ିବା ହେତୁ ଥକ୍କା ଲାଗେ, ପରିସ୍ରା ଅଧିକ ଲାଗେ ଓ ଶୋଷ ଅଧିକ ଲାଗେ। ଗର୍ଭାବସ୍ଥାରେ ମଧୁମେହ ବିଭିନ୍ନ ପ୍ରକାର କାରଣ ହେତୁ ହୋଇଥାଏ, ସେହିପରି ଏହାର ଲକ୍ଷଣ ମଧ୍ୟ ବିଭିନ୍ନ ପ୍ରକାର ଦେଖାଯାଇଥାଏ। ଏଣୁ ଗର୍ଭାବସ୍ଥାରେ ସୁରକ୍ଷିତ ରହିବା ପାଇଁ ସମସ୍ତ ପ୍ରକାର ପରୀକ୍ଷା କରି ଡାକ୍ତରଙ୍କ ପରାମର୍ଶରେ ରୁହନ୍ତୁ।

**ପ୍ରତିକାର:** ଗର୍ଭାବସ୍ଥାରେ ମଧୁମେହଠାରୁ ଦୂରେଇ ରହିବା ପାଇଁ ପ୍ରଥମତଃ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ। ଡାଏଟ୍ ଚାର୍ଟ କରନ୍ତୁ। ସୁସ୍ଥ ଖାଦ୍ୟ ଖାଆନ୍ତୁ। ପ୍ରତିଦିନ ତିନିଥର ମଧ୍ୟମ ଧରଣର ଭୋଜନ କରନ୍ତୁ। ଦୁଇଥରରୁ ଅଧିକ ଜଳଖିଆ କରନ୍ତୁ ନାହିଁ। ମିଠା ପାନୀୟ, ମିଠା ଫଳ, ଜୁସ୍ ଆଦିଠାରୁ ଦୂରେଇ ରୁହନ୍ତୁ। ପ୍ରୋଟିନ୍ ଜାତୀୟ ଖାଦ୍ୟ ଖାଆନ୍ତୁ। ଦୁଗ୍ଧ ଜାତୀୟ ଖାଦ୍ୟ ଖାଆନ୍ତୁ। ତନ୍ତୁ ଜାତୀୟ ଖାଦ୍ୟ ମଧ୍ୟ ସାମିଲ କରନ୍ତୁ। ଆଜିକାଲି ଏପରି ହେଲାଣି ଗର୍ଭାବସ୍ଥାରେ ଡାଇବେଟିସ୍ ରୋକିବାକୁ ବହୁ କଷ୍ଟସାଧ୍ୟ। କାରଣ ଯାହା ବି ପନିପରିବା ଖାଉଛେ, ସେଥିରେ କୀଟନାଶକ ଔଷଧ ଓ ରଙ୍ଗମିଶା ଯାଉଛି, ଯାହା ରକ୍ତରେ ଶୁଗାର ସ୍ତର ବଢ଼ାଇବାରେ ସହାୟକ ହୋଇଥାଏ। ଏଣୁ ଆମକୁ ସୁସ୍ଥ ଓ ସକ୍ରିୟ ଜୀବନଶୈଳୀ ପାଳନ କରିବା ଦରକାର। ଏଣୁ ଖାଦ୍ୟପେୟ ପ୍ରତି ଟିକେ ସଚେତନ ହେବା ସହ ଡାକ୍ତରଙ୍କ ପରାମର୍ଶରେ ରହିବା ଦରକାର। ଗର୍ଭାବସ୍ଥା ସମୟରେ ସକାରାତ୍ମକ ପରୀକ୍ଷଣ ପରେ ଉଚିତ ଆହାର ଓ ବ୍ୟାୟାମ କରିବା ଦରକାର। କେତେକ ମହିଳା ବ୍ୟାୟାମ କରିବା ବନ୍ଦ କରିଦିଅନ୍ତି। ଅସ୍ୱାସ୍ଥ୍ୟକର ଖାଦ୍ୟପେୟ ପ୍ରତି ଧ୍ୟାନ ଦିଅନ୍ତି ନାହିଁ। ଫଳରେ ୨୪ ସପ୍ତାହ ବେଳକୁ ଗର୍ଭବତୀ ମଧୁମେହର ଶିକାର ହୋଇଥାଏ। ଏଣୁ ଖାଦ୍ୟପେୟ ଓ ବ୍ୟାୟାମ ଦିଗ ପ୍ରତି ସର୍ବଦା ସତର୍କ ରହିବା ଦରକାର। କାରଣ ମା' ସୁସ୍ଥ ରହିଲେ ହିଁ ଶିଶୁ ସୁସ୍ଥ ରହିପାରିବ। ଯଦି ପୂର୍ବରୁ କେବେ ବ୍ୟାୟାମ କରିନାହାନ୍ତି ତେବେ ଏହି ସମୟରେ ସକାଳ ଉଠି ୩୦-୪୫ ମିନିଟ ବ୍ୟାୟାମ କରନ୍ତୁ। ଅତିକମ୍‌ରେ ସପ୍ତାହରେ ତିନିଦିନ କରନ୍ତୁ। ଗହମରୁ ପ୍ରସ୍ତୁତ ରୋଟି, ତନ୍ତୁଜାତୀୟ ଖାଦ୍ୟ, ପ୍ରୋଟିନଯୁକ୍ତ ଖାଦ୍ୟ ଖାଆନ୍ତୁ। ଯାହା ରକ୍ତରେ ଶୁଗାର ସ୍ତରକୁ ନିୟନ୍ତ୍ରଣରେ ରଖିବାରେ ସହାୟକ ହୁଏ। ବ୍ୟାୟାମ ସହିତ ଶରୀରକୁ ଆବଶ୍ୟକୀୟ ଖାଦ୍ୟ ଖାଆନ୍ତୁ। ଯଦି ଆପଣ ଗର୍ଭାବସ୍ଥା ପୂର୍ବରୁ ମୋଟା ଥାଆନ୍ତି, ତେବେ ଅସ୍ୱାସ୍ଥ୍ୟକର ପ୍ରଣାଳୀରେ ପତଳା ହୁଅନ୍ତୁ ନାହିଁ। ଏହା ଗର୍ଭସ୍ଥ ଶିଶୁକୁ ପ୍ରଭାବିତ କରିବ। ଏଣୁ ସର୍ବଦା ସ୍ତ୍ରୀରୋଗ ବିଶେଷଜ୍ଞଙ୍କ ପରାମର୍ଶ ନେଇ ଓଜନ ହ୍ରାସ କରନ୍ତୁ ଓ ଖାଦ୍ୟପେୟ ତାଲିକା କରି ଖାଦ୍ୟ ଖାଆନ୍ତୁ। ଏହାଦ୍ୱାରା ଡାଇବେଟିସ୍‌ରୁ ଦୂରେଇ ରହିପାରିବେ।

## ଚୁକ୍ତିଭିତ୍ତିକ ନିଯୁକ୍ତି ବ୍ୟବସ୍ଥା ସମାପ୍ତ ଘୋଷଣାକୁ ହିନ୍ଦ୍ ମଜଦୁର ସଭାର ସ୍ୱାଗତ

ଭୁବନେଶ୍ୱର (ପିଏନ୍): ରାଜ୍ୟ ସରକାରଙ୍କ ଅଧିନରେ ଠିକା କର୍ମଚାରୀ ଭାବେ କାର୍ଯ୍ୟରତ ୫୭ ହଜାର ଚୁକ୍ତିଭିତ୍ତିକ କର୍ମଚାରୀଙ୍କୁ ନିୟମିତ କରିଥିବାରୁ ହିନ୍ଦ ମଜଦୁର ସଭାର ରାଜ୍ୟ ଉପାଧ୍ୟକ୍ଷ ରବି ରଥ ସ୍ୱାଗତ କରିବା ସହ ରାଜ୍ୟରେ କାର୍ଯ୍ୟରତ ଅଢ଼େଇ ଲକ୍ଷ ଆଉଟସୋର୍ସିଂ କର୍ମଚାରୀଙ୍କୁ ଠିକାଦାରଙ୍କ କବଳରୁ ମୁକ୍ତ କରାଯାଉ ବୋଲି ଶ୍ରୀ ରଥ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ତେବେ ଚୁକ୍ତିଭିତ୍ତିକ ନିଯୁକ୍ତିଠାରୁ ଆହୁରି ଭୟଙ୍କର ଶୋଷଣକାରୀ ବ୍ୟବସ୍ଥା ରୂପେ ପରିଚିତ ଆଉଟସୋର୍ସିଂ ବ୍ୟବସ୍ଥା ଏବେବି ରାଜ୍ୟରେ ଅବ୍ୟାହତ ରହିଛି। ଖୋଦ୍ ରାଜ୍ୟ ସରକାରଙ୍କ ଅଧିନରେ ପ୍ରାୟ ଅଢ଼େଇ ଲକ୍ଷ ଯୁବକ ଯୁବତୀ ବିଭିନ୍ନ ଘରୋଇ ସର୍ଭିସ୍ ପ୍ରୋଭାଇଡର ଏଜେନ୍ସି ଅଧୀନରେ ନିଯୁକ୍ତ ହୋଇ ନାମକୁ ମାତ୍ର ଦରମାରେ ବର୍ଷ ବର୍ଷ ଧରି ଚାକିରିର ଅସୁରକ୍ଷା ଭିତରେ କାମ କରୁଛନ୍ତି। ଏହାବ୍ୟତୀତ ସେମାନଙ୍କ ଚାକିରି ସର୍ତ୍ତାବଳୀ ନଥିବାରୁ ଠିକାଦାରମାନେ ମନଇଚ୍ଛା ଛଟେଇ କରିବା ସହ ଇଏସଆଇ ଓ ଇପିଏଫ୍ ଜମା ନ କରିବା ଏବଂ ପ୍ରତି ମାସର ନିର୍ଦ୍ଦିଷ୍ଟ ତାରିଖରେ ଦରମା ନ ଦେବା ଦୈନନ୍ଦିନ ବିଷୟ ହୋଇଛି। ନା ସେମାନଙ୍କ ଦରମାରେ ନିୟମିତ ବୃଦ୍ଧି ଘଟୁଛି ନା ସେମାନଙ୍କୁ ସରକାରୀ କର୍ମଚାରୀଙ୍କ ପରି ଛୁଟି ଓ ଅନ୍ୟାନ୍ୟ ସୁବିଧା ମିଳୁଛି। ସରକାର ସେମାନଙ୍କୁ ନିଜ କାମରେ ଲଗାଇବା ସତ୍ତ୍ୱେ କୌଣସି ଅସୁବିଧା ହେଲେ ନିଜର କର୍ମଚାରୀ ନୁହନ୍ତି ବୋଲି କହିବାକୁ ପଛାଉ ନାହାନ୍ତି। ଯଦି ସରକାର କୌଣସି କାରଣରୁ ସର୍ଭିସ୍ ପ୍ରୋଭାଇଡରକୁ ବଦଳାନ୍ତି ତାହାହେଲେ ସେହି ସଂସ୍ଥା ସହିତ ତା' ମାଧ୍ୟମରେ ସରକାରୀ ସେବାରେ ନିୟୋଜିତ ସବୁ କର୍ମଚାରୀ ନିଜର ଚାକିରି ହରାନ୍ତି। ଏପରିକି ସେମାନେ ପାଉଥିବା ସ୍ୱଳ୍ପ ଦରମାର ୧୮% ବା ପ୍ରାୟ ଏକ ପଞ୍ଚମାଂସ ଜିଏସଟି ବାବଦରେ ପୁନଶ୍ଚ ସରକାରଙ୍କ ତହବିଲରେ ଜମା କରିବାକୁ ପଡୁଛି। ବର୍ତ୍ତମାନ ଆଉଟସୋର୍ସିଂ ବ୍ୟବସ୍ଥାରେ ଗୋତି ଶ୍ରମିକଙ୍କ ପରି ନିଯୁକ୍ତ ରାଜ୍ୟର ଲକ୍ଷାଧିକ କର୍ମଚାରୀଙ୍କୁ କେବେ ସ୍ଥାୟୀ କରିବେ ସରକାର ଘୋଷଣା କରିବେ କି? ଏଠାରେ ଉଲ୍ଲେଖ କରାଯାଇପାରେ ଯେ, ସୁପ୍ରିମକୋର୍ଟର ଗାଇଡ ଲାଇନ ଅନୁସାରେ ଜଣେ କର୍ମଚାରୀ ନିଯୁକ୍ତି କ୍ଷେତ୍ରରେ ସମାନ କାମକୁ ସମାନ ଦରମା ଓ ସରକାରୀ କର୍ମଚାରୀ ପାଇବା ଭଳି ସୁବିଧା ସୁଯୋଗ ପ୍ରଦାନ ପାଇଁ ନିର୍ଦ୍ଦେଶନାମା ଥିଲେ ମଧ୍ୟ ଏଥିପ୍ରତି ସରକାର ଭୃକ୍ଷେପ କରୁନାହାନ୍ତି। ଗୋଟିଏ ଜନକଲ୍ୟାଣ ରାଜ୍ୟର ଜଣେ ବରିଷ୍ଠ ଅଧିକାରୀ କିମ୍ବା ମନ୍ତ୍ରୀ ଲକ୍ଷାଧିକ ଟଙ୍କା ପାଉଥିବା ବେଳେ ତଳିଆ। କର୍ମଚାରୀ ସର୍ବନିମ୍ନ ୨୫ ହଜାର ଟଙ୍କା ପାଇବା ଆବଶ୍ୟକ। କିନ୍ତୁ ଏ କ୍ଷେତ୍ରରେ ସମ୍ପୂର୍ଣ୍ଣ ବିଭ୍ରାଟ ଦେଖାଦେଇଛି। ଗ୍ରାମରକ୍ଷୀ, ଗ୍ରାମ ରୋଜଗାର ସେବକ, ଆୟୁଷ୍ ଡ଼ାକ୍ତର, ସୁରକ୍ଷା କର୍ମୀ ବହୁ ସ୍ୱଳ୍ପ ଦରମାରେ ପରିବାର ପ୍ରତିପୋଷଣ କରିବା ଦୁର୍ବିସହ ହୋଇପଡ଼ିଛି। ତେଣୁ ଏ ଦିଗରେ ରାଜ୍ୟ ସରକାର ଦୃଷ୍ଟି ଦେବା ପାଇଁ ହିନ୍ଦ୍ ମଜଦୁର ସଭା ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି।

### ୱାର୍ଡ ସଭ୍ୟସଭ୍ୟାଙ୍କ ପ୍ରଶିକ୍ଷଣ ଶିବିର

ଧର୍ମଶାଳା (ପିଏନ୍): ୱାର୍ଡ ସଭ୍ୟା/ସଭ୍ୟମାନେ ହେଉଛନ୍ତି ପଂଚାୟତିରାଜ ବ୍ୟବସ୍ଥାର ତୃଣମୂଳ ପ୍ରତିନିଧି। ସେମାନଙ୍କର ସକ୍ରିୟ ଯୋଗଦାନ ଯୋଗୁ ପଂଚାୟତିରାଜ ବ୍ୟବସ୍ଥା ସଶକ୍ତ ହୋଇଥାଏ। ୱାର୍ଡ/ସଭ୍ୟ/ସଭ୍ୟାମାନଙ୍କ ଦକ୍ଷତା ବୃଦ୍ଧିକୁ ଲକ୍ଷ୍ୟ କରି ରାଜ୍ୟ ଗ୍ରାମ୍ୟଉନ୍ନୟନ, ପଂଚାୟତିରାଜ, ଜିଲ୍ଲାପରିଷଦ ଓ ସ୍ୱେଚ୍ଛାସେବୀ ସଙ୍ଗଠନ ପଲ୍ଲିଶ୍ରୀର ମିଳିତ ଉଦ୍ୟମରେ ନବନିର୍ବାଚିତ ୱାର୍ଡ ସଭ୍ୟମାନଙ୍କୁ ନେଇ ଏକ ତିନିଦିନିଆ ଦକ୍ଷତା ବୃଦ୍ଧି ତାଲିମ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଧର୍ମଶାଳା ବ୍ଲକର ଜାରକା, କୁମାରୀ, ଚହଟା ଓ ସୁନ୍ଦୁରିଆ ଗ୍ରାମପଂଚାୟତର ୪୩ ଜଣ ସଭ୍ୟ/ସଭ୍ୟା ଏହି ତାଲିମ ଶିବିରରେ ଯୋଗଦେଇଥିଲେ। ଜାରକାସ୍ଥିତ ପ୍ରୟାଗ ମଣ୍ଡପରେ ଆୟୋଜିତ ଏହି ଶିବିରକୁ ଧର୍ମଶାଳା ପଂଚାୟତ ସମିତିର ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ ଉଦ୍‌ଘାଟନ କରିଥିଲେ। ଏଥିରେ ମଣ୍ଡଳ ଉନ୍ନୟନ ଅଧିକାରୀ ଦେବେନ୍ଦ୍ର ପ୍ରସାଦ ଧଳ, ଏବିଡିଓ ଅସିତ କୁମାର ପାତ୍ର, ଏପିଓ ପ୍ରଜ୍ଞାପରମିତା ସାମଲ, ତାଲିମଦାତା ଦେବଦତ ସାହୁ, ପବିତ୍ର କୁମାର ରାଉତ ପ୍ରମୁଖ ଯୋଗଦେଇ ୫-ଟି ଓ ମୋ ସରକାର ପ୍ରୟାସ ଜରିଆରେ ପଂଚାୟତିରାଜ ବ୍ୟବସ୍ଥା ସମ୍ଭବ ବୋଲି କହିଥିଲେ। ପଲ୍ଲିଶ୍ରୀର ସମ୍ପାଦକ ଶତ୍ରୁଘ୍ନ ସାହୁ, ସଂଯୋଜକ ଅଭିଶେକ ପଣ୍ଡା ଓ ସୁନାକର ସାହୁ ପ୍ରମୁଖ ତାଲିମ ଶିବିରକୁ ପରିଚାଳନା କରିଥିଲେ। ପର୍ଯ୍ୟାୟକ୍ରମେ ଧର୍ମଶାଳା ନିର୍ବାଚନ ମଣ୍ଡଳିର ୬୩୭ ୱାର୍ଡସଭ୍ୟ/ସଭ୍ୟାମାନଙ୍କୁ ତାଲିମ ପ୍ରଦାନ କରାଯିବ ବୋଲି ପଲ୍ଲିଶ୍ରୀ ସମ୍ପାଦକ ଶ୍ରୀ ସାହୁ ସୂଚନା ଦେଇଛନ୍ତି।


DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road, Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Pragyan Communication


Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ପରିଶ୍ରମ କଲେ ସଫଳତା ନିଶ୍ଚିତ ମିଳେ , ଏହାକୁ ପୁଣି ଥରେ ପ୍ରମାଣିତ କରି ଦେଖିଛନ୍ତି ଅନୁଗୋଳ ର ଅଙ୍କିତା ସାହୁ

ଅନୁଗୋଳ,(ପି.ଏନ) ପ୍ରକାଶ ପାଇଛି ୨୦୨୨ ଓଡ଼ିଶା ସିଭିଲ ସର୍ଭିସ ପରୀକ୍ଷା ର ଫଳାଫଳ ,ଏଥିରେ ୬୮୩ ଜଣ କୃତକାର୍ଯ୍ୟ ହୋଇଥିବା ବେଳେ ଅନୁଗୋଳ ସହର ର ପ୍ରଫୁଲ କୁମାର ସାହୁ ଓ ପୁଷ୍ପଲତା ସାହୁ ଙ୍କ ଝିଅ ଅଙ୍କିତା ସାହୁ ୧୧୮ ନମ୍ବର ସ୍ଥାନରେ ରହି ଓଏଏସ ପାଇଁ ମନୋନୀତ ହୋଇଛନ୍ତି । ପିଲା ଟି ଦିନରୁ ଖୁବ୍ ଭଲ ପାଠ ପଢୁଥିବା ଅଙ୍କିତା ଆଶା ରଖିଥିଲେ ଯେ ସେ ଦିନେ ପ୍ରଶାସନିକ ପରୀକ୍ଷା ରେ କୃତକାର୍ଯ୍ୟ ହୋଇ ସମାଜ ପାଇଁ କାର୍ଯ୍ୟ କରିବେ । ମାତ୍ର ୨୪ ବର୍ଷ ବୟସ ରେ ନିଜର ପ୍ରଥମ ପ୍ରଚେଷ୍ଟା ରେ ଅଙ୍କିତା କୁ ଏହି ସଫଳତା ମିଳିଥିବାରୁ ପରିବାର ଓ ସମ୍ପର୍କୀୟ ଙ୍କ ମହଲରେ ଖୁସି ର ଲହରୀ ଖେଳି ଯାଇଛି । ପିଲା ଟି ଦିନରୁ ଭଲ ପାଠ ପଢୁଥିବାରୁ



ଅଙ୍କିତା ଙ୍କ ବାପା ତାଙ୍କୁ ସରସ୍ୱତୀ ବିଦ୍ୟା ମନ୍ଦିର ରେ ନାମ ଲେଖାଇ ଥିଲେ ସେଠାରେ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପଢ଼ିବା ପରେ ଅନୁଗୋଳ କଲେଜ୍ ରେ ଦ୍ୱାଦଶ ଓ ଓୟୁଏଟି ରେ ସ୍ନାତକ ଓ ସ୍ନାତୋକତ୍ତର ପଠା ପଢ଼ିଥିଲେ । ପିଲାଟି ଦିନରୁ ଯେହେତୁ ସେ ପ୍ରଶାସନିକ କ୍ଷେତ୍ରରେ ଯିବାକୁ ମନସ୍ଥ କରିଥିଲେ ତେଣୁ ସେଥିପାଇଁ ପଠା ପଢ଼ି କରୁଥିବା ବେଳେ ତାଙ୍କ ବଡ ଭାଇ ଅଭିଷେକ ସାହୁ ଏସବୁ ତୋ ଦ୍ୱାରା ହୋଇ ପାରିବ ନାହିଁ କହି ତାଙ୍କୁ ବାରମ୍ବାର ଚିଡ଼ାଉ ଥିଲେ କିନ୍ତୁ ତାଙ୍କ ଲକ୍ଷ ରେ ଅଟଳ ରହି ଥିବାରୁ ସଫଳତା ର ସ୍ୱାଦ ଚାଖି ପାରିଛନ୍ତି । ତାଙ୍କର ପ୍ରସ୍ତୁତି ବିଷୟରେ କହି, ସେ ତାଙ୍କ ପରିବାର, ଶିକ୍ଷକ ଏବଂ ବିଶେଷ ଭାବରେ ତାଙ୍କ ଭାଇଙ୍କୁ ସେମାନଙ୍କର ନିରନ୍ତର ସମର୍ଥନ ପାଇଁ ଶ୍ରେୟ ଦେଇଛନ୍ତି । ତାଙ୍କର ଶୃଙ୍ଖଳିତ ଅଧ୍ୟୟନ ରୁଟିନ୍ ଏବଂ ଫୋକସ୍ ଅଭିମୁଖ୍ୟ ତାଙ୍କ ସଫଳତାର ପ୍ରମୁଖ କାରଣ ଥିଲା ବୋଲି ଗଣମାଧ୍ୟମ ସମ୍ମୁଖରେ କହିଛନ୍ତି । ଏହି ଉଲ୍ଲେଖନୀୟ ସଫଳତା ଦ୍ୱାରା ସେ ସମଗ୍ର ଅଞ୍ଚଳ ଛାତ୍ର ଛାତ୍ରୀ ମାନଙ୍କ ପାଇଁ ଏକ ଆଦର୍ଶ ହୋଇ ପାରିଛନ୍ତି ।

# ବାଂଶପାଣି ରେଲସାଇଡିଂରେ ୨ ଗୋଷ୍ଠୀ ସଂଘର୍ଷ ଘଟଣାରେ ମାଷ୍ଟର ମାଇଣ୍ଡ ଫେରାର ଡାମେଜ କଟ୍ରୋଲ ପାଇଁ କଲେଜ ର ଭଣଜାକୁ ଗିରଫ କଲା ପୋଲିସ

ଯୋଡ଼ା(ପିଏନ)-କେନ୍ଦୁଝର ଜିଲ୍ଲା ଯୋଡା ଥାନା ଅନ୍ତର୍ଗତ ବାଂଶପାଣି ରେଳ ସାଇଡିଂ ଠାରେ ଗତ ସେପ୍ଟେମ୍ବର ମାସ ୧୨ ତାରିଖ ଦିନ ଲୁହା ପଥର ପରିବହନକୁ ନେଇ ଘଟିଯାଇଥିବା ଗୋଷ୍ଠୀ ସଂଘର୍ଷ ଘଟଣାରେ ଅଭିଯୁକ୍ତଙ୍କୁ ଆମିର ହୁସେନକୁ (୩୦) ଯୋଡା ଥାନା ପୋଲିସ ସୋମବାର ମଧ୍ୟ ରାତ୍ରୀରେ ଗିରଫ କରି କେଶ ନଂ ୧୩୦/ ୨୦୨୦ ଦଫା ୧୪୭/୧୪୮/ ୪୫୨/୩୨୩/୩୨୫/୪୩୬/ ୪୨୭/୩୦୭/୫୦୬/୧୪୭ ଆଇପିସି ଧାରରେ ମାମଲା ରଜୁ କରି ମଙ୍ଗଳବାର କୋର୍ଟ ଚାଲାଣ କରିଥିବା ଖବର ହସ୍ତଗତ ହୋଇଛି । ସ୍ଥାନୀୟ ଅଧିବାସୀଙ୍କ ଠାରୁ ପ୍ରକାଶ ଯେ ଆମିର ହୁସେନର ମାମୁଁ ଏମଡି ଫିରୋଜ ଅହମ୍ମଦ ଓରଫ କଲେଜ ସିଧାସଳଖ ଭାବେ ଏହି ଘଟଣାରେ ଗଣ୍ଡଗୋଳ ଏବଂ ଆକ୍ରମଣ ଘଟଣାରେ ସମ୍ପୃକ୍ତ ଥିଲେ ମଧ୍ୟ ଯୋଡା ଥାନା ପୋଲିସ କଲେଜଙ୍କ ଉପରେ ଅହେତୁକ ଅନୁକମ୍ପା ଦେଖାଉଥିବା ମନେ ହୁଏ । ଏକଦା ତ କାଳୀନ ବଡବିଲ ଏସଡିପିଓ ରାଜେଶ ପଣ୍ଡିତଙ୍କର ଅତ୍ୟନ୍ତ ଅନୁମତ ଭାବେ ପ୍ରଚାର କରି ନିଜ ଇଛା ମୁତାବକ ବିଭିନ୍ନ ଖଣି ସଂସ୍ଥାରୁ କାର୍ଯ୍ୟ ନେବା ଏବଂ ସ୍ଥାନୀୟ ଅ ଳର ଜନସାଧାରଣ ନାମରେ ପୋଲିସକୁ ମିଥ୍ୟା ତଥ୍ୟ ଯୋଗାଇ ପୋଲିସର ଇନ୍‌ଫର୍ମ ସାଜି କଲେଜ କୋଟି କୋଟି ଟଙ୍କା ମୁନଫା କରିଥିବା ସାଧାରଣରେ ଚର୍ଚ୍ଚା ହୁଏ । ପିଲେଟ ଚୋରି ଠାରୁ ଆରମ୍ଭ କରି ବାଂଶପାଣି ୟୁନାଇଟେଡ୍ କ୍ରସର ଘଟଣା ରେ ଗିରଫ କରାଇବା ସହିତ ମୁକେଶ ସିଂଙ୍ଗାନିଆ ଙ୍କୁ ଗିରଫ ଘଟଣାକୁ ଅନୁଧ୍ୟାନ କଲେ ଜଣାଯାଏ ଯେ କଲେଜ ନିଜ ସ୍ୱାର୍ଥ ସାଧାରଣ ନିମନ୍ତେ ପୋଲିସକୁ ହାତ ବାରିସ କରି ବ୍ୟବହାର କରୁଥିଲା । ପୋଲିସର ଧମକ ଚମକ ଦେଇ କାମ ହାତଇବା ସହିତ ଯେ କେହିବି ତାଙ୍କ ସ୍ୱାର୍ଥ ରେ ବାଧା ସୃଷ୍ଟି କରୁଥିଲେ ତାଙ୍କୁ ଜେଣେ ତେଣେ ପ୍ରକାରଣେ ପୋଲିସ ସହାୟତା ନେଇ ଗିରଫ କରାଇ ଯୋଡା ଅ ଳ ରେ ଭୟର ବା ାବରଣ ସୃଷ୍ଟି କରୁଥିଲେ । ଘଟଣା ଦିନ ବାଂଶପାଣି ସାଇଡିଂରେ ବିବାଦର ସୂତ୍ରପାତ୍ର ଏବଂ ଆକ୍ରମଣର ମାଷ୍ଟର ମାଇଣ୍ଡ କଲେଜ ଥିବା ନେଇ ଫିରୋଜ ମହମ୍ମଦ ଓରଫ କଲେଜ ଥିବା ନେଇ ଯଥେଷ୍ଟ ପ୍ରମାଣ ମିଳୁଥିଲେ ମଧ୍ୟ ଯୋଡା ଥାନା ପୋଲିସ ଏଯାବତ କଲେଜକୁ କାହିଁକି ଗିରଫ କରିନାହିଁ ତାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି । କଲେଜ ର ଭଣଜା କୁ ଗିରଫ କରିଥିବା ବେଳେ ମାଷ୍ଟର ମାଇଣ୍ଡ କଲେଜ ଫେରାର ଥିବା ପୋଲିସର ସ୍ୱଚ୍ଛତା ଉପରେ ଆଙ୍ଗୁଳି ନିର୍ଦ୍ଦେଶ କରୁଛି । କଲେଜ ଭଳି ଜଣେ ସାଧାରଣ ଲୋକ ଏତେ ଶିଘ୍ର ପୋଲିସର ଆସ୍ଥାଭାଜନ କିପରି ହୋଇପାରିଲା ଏବଂ ଏଯାବତ ତାର କାର୍ଯ୍ୟକଳାପ ପୋଲିସ ରାଡାରକୁ ନଆସିବା ଘଟଣା ସମସ୍ତଙ୍କୁ ଚକିତ କରିଛି । କଲେଜ ଉପରେ ବାରମ୍ବାର ଆଙ୍ଗୁଳି ନିର୍ଦ୍ଦେଶ ହେଉଥିଲେ ମଧ୍ୟ ପୋଲିସ କେଉଁ ସ୍ୱାର୍ଥକୁ ଆଖି ଆଗରେ ରଖି ତାକୁ ଗିରଫ କରୁନଥିବା ବେଳେ ତାଙ୍କ ଭଣଜା ଆମରି ହୁସେନ ପୂର୍ବରୁ ବାଂଶପାଣି ରେଳ ସାଇଡିଂରେ ଆଇରନ ପିଲେଟ ଚୋରି ଘଟଣାରେ ଜେଲ ଯାଇଥିବା ଜଣାପଡିଛି । ଏହି ଘଟଣାରେ କେନ୍ଦୁଝର ଜିଲ୍ଲା ଏସପି ହସ୍ତକ୍ଷେପ କରିବାକୁ ସାଧାରଣରେ ଦାବି ହେଉଛି ।

# ଜନଶକ୍ତି ପାର୍ଟି ପକ୍ଷରୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ସ୍ମାରକ ପତ୍ର

କେନ୍ଦ୍ରାପଡା (ପିଏନ)- ଜନଶକ୍ତି ପାର୍ଟି ପକ୍ଷରୁ କରୋନା ମହାମାରୀ ସମୟରେ ରାଜ୍ୟରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇ ପଡିଥିବା ଅଭିଯୋଗ କରାଯାଇଛି । ଉଦାହରଣ ସ୍ବରୁପ କେନ୍ଦ୍ରାପଡା ସରକାରୀ ଡାକ୍ତରଖାନାରେ ୬୨ ଟି ଡାକ୍ତର ପଦବୀ ମଧ୍ୟରୁ ମାତ୍ର ୨୩ ଜଣ ଡାକ୍ତର ଅଛନ୍ତି । ଅନେକ ସମୟରେ ଡାକ୍ତରମାନେ ବେସରକାରୀ ଭାବେ ଚିକିତ୍ସା କରୁଥିବାରୁ ଗରିବ ଅସହାୟ ଲୋକ ମାନଙ୍କୁ ପ୍ରକୃତ ଚିକିତ୍ସା କରାନଯାଇ କଟକ ବଡ ଡାକ୍ତରଖାନାକୁ ପଠାଇ ଦିଆଯାଉଛି । ଗରିବ ଲୋକଟି ଆମ୍ବୁଲାନସ ସୁବିଧାରୁ ମଧ୍ୟ ବଂଚିତ ହେଉଛି । ସେହିପରି କେନ୍ଦ୍ରାପଡା ସରକାରୀ ଡାକ୍ତରଖାନାରେ ପର୍ଯ୍ୟାପ୍ତ ସଂଖ୍ୟକ ବେଡ ନାହିଁ ଏବଂ ଯାହା କିଛି ଅଛି ତାହା ସମ୍ପୂର୍ଣ୍ଣ ଭାବେ ପୁରୁଣା ଓ ନଷ୍ଟ ହୋଇ ଯାଇଛି । ୨.୯୦ କି.ମି ବାଟ ଟ୍ରଲିରେ ବୁହା ହୋଇ ଆସିଥିବା ଅସହାୟ ମହିଳାଙ୍କ ମୃତ୍ୟୁର ପ୍ରକୃତ ତଦନ୍ତ କରାଗଲେ ଓଡିଶାରେ ସ୍ୱାସ୍ଥ୍ୟସେବାର ପ୍ରକୃତ ଚିତ୍ର ପଦାକୁ ଆସିପାରିବ । ସେହି ପରିବାରର ଜଣଙ୍କୁ ସରକାରୀ ଚାକିରୀ ପ୍ରଦାନ କରାଯାଉ । ଓଡିଶାରେ ବିଭିନ୍ନ ଖାଉଟି ସାମଗ୍ରୀ ଓ ପନିପରିବାର ଅହେତୁକ ଦର ବୃଦ୍ଧି ଜନ ସମାଜକୁ ବ୍ୟଥିତ କରୁଛି । ଏହାର ନିରାକରଣ ନିମନ୍ତେ ଉଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଜନଶକ୍ତି ପାର୍ଟି ପକ୍ଷରୁ ଦାବୀ କରାଯାଇଛି।

# ଚୋରୀ ମାମଲାରେ ଜିଲ୍ଲା ପୋଲିସର ସ୍ୱତନ୍ତ୍ର ସ୍କ୍ୱାର୍ଡ ଜଣକୁ ଉଠାଇନେଇଛି

କେନ୍ଦ୍ରାପଡା, (ପିଏନ)- କେନ୍ଦ୍ରାପଡା ସହରର ସଟରତାଡି ଚୋରୀ କରିବା ଓ ମହିଳା ବିଜେଡି ସଭାନେତ୍ରୀଙ୍କ ଘରୁ ଝରକା ରେଲିଂ ତାଡି ଚୋରୀ କରିବା ଘଟଣାରେ ଜିଲ୍ଲା ପୋଲିସର ସ୍ୱତନ୍ତ୍ର ସ୍କ୍ୱାର୍ଡ ଜଣକୁ ସନ୍ଦେହରେ ଉଠାଇ ନେଇ କୌଣସି ଏକ ଅଜଣା ସ୍ଥାନରେ ରଖି ପଚରାଉଚୁରା କରୁଥିବା ଜଣାପଡିଛି । ପୋଲିସ ଉଠାଇ ନେଇଥିବା ସଂପୃକ୍ତ ବ୍ୟକ୍ତି ହେଉଛନ୍ତି ଟାଉନ ଥାନା ଅନ୍ତର୍ଗତ ରଣପଡା ଗ୍ରାମର ସେକ ବାବୁ ।

# ଓଡ଼ିଶା ସରକାରଙ୍କ ବିଶ୍ୱବିଦ୍ୟାଳୟ ସଂସ୍କାର ବିରୋଧରେ ପ୍ରଧାନମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ

ବାରିପଦା, (ପିଏନ)- ଓଡ଼ିଶାରେ ବିଶ୍ୱବିଦ୍ୟାଳୟଗୁଡ଼ିକରେ ସଂସ୍କାର ଆଣିବା ନିମନ୍ତେ ଗତ ସେପ୍ଟେମ୍ବର ୪ରେ ପ୍ରକାଶିତ ଅଧ୍ୟାଦେଶ ସଂଖ୍ୟା ୮୨୧୯-ଆଇ-ଲେଗିସି- ୩୫/ ୨୦୨୦/ ଏଲକୁ ବିରୋଧ କରି ମୟୂରଭଞ୍ଜ ସିଟିଜେନ ଫୋରମ୍, ମୟୂରଭଞ୍ଜ ସାହିତ୍ୟ ପରିଷଦ ପ୍ରମୁଖ ସଙ୍ଗଠନ ସହ ଜିଲ୍ଲାର ବୁଦ୍ଧିଜୀବୀଗଣ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୃଷ୍ଟି ଆକର୍ଷଣ ନିମନ୍ତେ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ପ୍ରକାଶିତ ଅଧ୍ୟାଦେଶ ଅନୁଯାୟୀ ରାଜ୍ୟରେ ଥିବା ସମସ୍ତ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଶିକ୍ଷକ ନିଯୁକ୍ତି ଏଣିକି ବିଶ୍ୱବିଦ୍ୟାଳୟ ସ୍ତରରେ କୁଳପତିଙ୍କ ଅଧ୍ୟକ୍ଷତାରେ ନହୋଇ ଓଡ଼ିଶା ପବ୍ଲିକ ସର୍ଭିସ୍ କମିଶନଙ୍କ ଦ୍ୱାରା କରାଯିବ । ଯାହାକୁ ନେଇ ବିବାଦ ଦେଖାଦେଇଛି । ବିଶ୍ୱବିଦ୍ୟାଳୟ ଏକ ସ୍ୱୟଂଚାଳିତ ଶିକ୍ଷା ଅନୁଷ୍ଠାନ । ଉହା ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଆର୍ଥିକ ସହଯୋଗରେ ପରିଚାଳିତ ହୋଇଥାଏ । ଏହାର ଆସିଷ୍ଟାଂଟ ପ୍ରଫେସର, ଆସୋସିଏଟ ପ୍ରଫେସର, ପ୍ରଫେସର ନିଯୁକ୍ତି ପ୍ରକ୍ରିୟା ଭାରତ ସରକାରଙ୍କ ସ୍ୱତନ୍ତ୍ର ଅନୁଷ୍ଠାନ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ(ୟୁଜିସି)ର ନିର୍ଦ୍ଦିଷ୍ଟ ନୀତି, ମାର୍ଗଦର୍ଶୀକା ଅନୁଯାୟୀ ହୋଇଥାଏ । ସେହିପରି ବିଶ୍ୱବିଦ୍ୟାଳୟଗୁଡ଼ିକରେ ଶିକ୍ଷକମାନଙ୍କର ଚାକିରୀରୁ ଅବସର, ପଦୋନ୍ନତି, ପରିତ୍ୟାଗ, ବୀଦେଶ ଗମନ, ଅନ୍ୟ ବିଶ୍ୱବିଦ୍ୟାଳୟରେ ଯୋଗଦାନ ଆଦି କାରଣରୁ ପ୍ରତ୍ୟେକ ବର୍ଷ ବହୁ ପଦବୀ ଖାଲିପଡ଼ିଥାଏ । ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ନୀତି ଓ ମାର୍ଗଦର୍ଶୀକା ଅନୁଯାୟୀ ସମ୍ପୃକ୍ତ ବିଶ୍ୱବିଦ୍ୟାଳୟରେ କୁଳପତିଙ୍କ ଅଧ୍ୟକ୍ଷତାରେ ପରିଚାଳିତ ଶିକ୍ଷକ ନିଯୁକ୍ତି ଚୟନ କମିଟି ତତ୍କାଳ ଏହାର ନିଯୁକ୍ତି ପ୍ରକ୍ରିୟା ଶେଷ କରି ବିଶ୍ୱବିଦ୍ୟାଳୟର ଶୈକ୍ଷିକ ଓ ଗବେଷଣା ବାତାବରଣକୁ ରକ୍ଷା କରିପାରିଥାଏ । ବିଶ୍ୱବିଦ୍ୟାଳୟ ସମାଜର ସର୍ବୋଚ୍ଚ ସମ୍ମାନୀୟ ଜ୍ଞାନ ଓ ଗବେଷଣାର ପବିତ୍ର କ୍ଷେତ୍ର ହୋଇଥିବା ସମୟରେ କୁଳପତି ମଧ୍ୟ ସର୍ବୋଚ୍ଚ ସମ୍ମାନୀୟ ବ୍ୟକ୍ତି ଅଟନ୍ତି । ବିଶ୍ୱବିଦ୍ୟାଳୟମାନଙ୍କରେ ଶିକ୍ଷକ ନିଯୁକ୍ତି ପ୍ରକ୍ରିୟା ଓଡ଼ିଶା ପବ୍ଲିକ ସାର୍ଭିସ କମିଶନଙ୍କ ଦ୍ୱାରା ପରିଚାଳିତ ହେଲେ ଖୋଲା ଖୋଲି ଭାବରେ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ(ୟୁଜିସି)ର ଶିକ୍ଷକ ନିଯୁକ୍ତି ପ୍ରକ୍ରିୟାର ନୀତି ଓ ମାର୍ଗଦର୍ଶୀକାକୁ ଉଲ୍ଲଙ୍ଘନ କରାଇବ । ପୁଣି ଓପିଏସସି ଦ୍ୱାରା ନିଯୁକ୍ତି ପ୍ରକ୍ରିୟା ଶେଷ କରିବା ଅସମ୍ଭବ ଅଟେ । ଫଳରେ ଶିକ୍ଷକ ଅଭାବ ଜନିତ ପରିସ୍ଥିତି ହେତୁ ବିଶ୍ୱବିଦ୍ୟାଳୟର ଶୈକ୍ଷିକ ଓ ଗବେଷଣା କ୍ଷେତ୍ରରେ ବିଭିନ୍ନ ସମସ୍ୟା ସୃଷ୍ଟିହେବା ସାଙ୍ଗକୁ ଅଶାନ୍ତ ବାତାବରଣର କାରଣ ପାଲଟି ଯିବ । ପୁଣି କୁଳପତି ପରି ସର୍ବୋଚ୍ଚ ପଦବୀର ଅମର୍ଯ୍ୟାଦା ହୋଇ ତାହା ପ୍ରଶାସନ ଓ ଅମଲାତନ୍ତ୍ରର ଖେଳନା ହୋଇଯିବ । ଏଥି ସହିତ ବିଶ୍ୱବିଦ୍ୟାଳୟର ଚରମ ଅଧୋଗତି ହେବ ବୋଲି ଦର୍ଶାଇ ମୟୁରଭଞ୍ଜ ସିଟିଜେନ ଫୋରମ ସଭାପତି ପୂର୍ଣ୍ଣଚନ୍ଦ୍ର ବୁଗୁଡ଼େଇ, ଓଡ଼ିଆ ଜାଗରଣ ମଂଚର ସଭାପତି ଶରତ ଚନ୍ଦ୍ର ନାୟକ, ମୟୂରଭଞ୍ଜ ସାହିତ୍ୟ ପରିଷଦର ସଭାପତି ପଦ୍ମନାଭ ସାହୁ ପ୍ରମୁଖଙ୍କ ସମେତ ଜିଲ୍ଲାରୁ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ବୁଦ୍ଧିଜୀବୀ ସ୍ୱାକ୍ଷର ସମ୍ବଳିତ ଏକ ସ୍ମାରକପତ୍ର ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଥିବା ବେଳେ ଏହାର ନକଲ ଭାରତ ସରକାରଙ୍କ ଶିକ୍ଷାମନ୍ତ୍ରୀ, ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗର ଚେୟାରମ୍ୟାନ ଓ ସେକ୍ରେଟେରୀ, ଓଡ଼ିଶା ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ମନ୍ତ୍ରୀ, ମୟୂରଭଞ୍ଜ ଲୋକସଭା ସାଂସଦ ପ୍ରମୁଖଙ୍କୁ ପ୍ରଦାନ କରାଯାଇଛି ।

# ବିଜୁଳି ଓ ରାସ୍ତାରୁ ବଂଚିତ ଚନ୍ଦନପୁର ଜେନାସାହି ଗ୍ରାମବାସୀ

## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେବାକୁ ଚେତାବନୀ

କେନ୍ଦ୍ରାପଡା, (ପିଏନ)- ସ୍ୱାଧିନତାର ୭୪ ବର୍ଷ ପରେ ମଧ୍ୟ ଗ୍ରାମବାସୀ ମାନେ ଗାଁକୁ ଯିବାକୁ ରାସ୍ତା ପାଉ ନଥିବା ବେଳେ ଗ୍ରାମ୍ୟ ବିଦ୍ୟୁତକରଣ ଯୋଜନା ସାତ ସପନ ହୋଇ ରହିଛି । ରାସ୍ତା ନଥିବାରୁ ବର୍ଷ ସାରା ପାଣି କାଦୁଅରେ ପଶି ବିଲ ଭିତରେ ନିଜ ଘରକୁ ଯାଉଥିବା ଭଳି ଏକ ବାସ୍ତବ ଚିତ୍ର କେନ୍ଦ୍ରାପଡା ବ୍ଲକ ଅଧିନ କଂସାର ପଂଚାୟତର ଚନ୍ଦନପୁର ଗ୍ରାମର ଜେନାସାହିରେ ଦେଖିବାକୁ ମିଳୁଛି । ଚନ୍ଦନପୁର ଗ୍ରାମର ପଡା ଗ୍ରାମରେ ରହୁଥିବା ପ୍ରାୟ ୨୦ଟି ପରିବାର ରାସ୍ତା ଓ ଆଲୋକ ପାଇଁ ଅଭିଶପ୍ତ ଜୀବନ ବିତାଉଥିବା ଗ୍ରାମବାସୀ ମାନେ ଅଭିଯୋଗ କରିଛନ୍ତି । କେନ୍ଦ୍ରାପଡା ଟାଉନରୁ ମାତ୍ର ୭ କିମି ଦୂରରେ ଅବସ୍ଥିତ ଏହି ଗ୍ରାମର ଅବସ୍ଥା ଆଖିରେ ନଦେଖିଲେ ବିଶ୍ୱାସ କରିହେବ ନାହିଁ । ନିର୍ବାଚନ ସମୟରେ ଭୋଟ୍ ପାଇଁ ପ୍ରଚାର କରିବାକୁ ଆସୁଥିବା ନେତା ମାନେ ରାସ୍ତା ଏବଂ ଆଲୁଅ ଯୋଗାଇ ଦେବା ପାଇଁ ପ୍ରତିଥର ଗ୍ରାମବାସୀଙ୍କୁ ପ୍ରତିଶୃତି ଦେଉଥିଲେ ମଧ୍ୟ ଏପର୍ଯ୍ୟନ୍ତ ତାହା ପାଣିର ଗାର ହୋଇ ରହିଛି । ସ୍ଥାନୀୟ ସରପଂଚ ପ୍ରଦ୍ୟୁମ୍ନ ଜେନା ଏହି ସମସ୍ୟାର ସମାଧାନ ପାଇଁ ବାରମ୍ବାର ଉଦ୍ୟମ କରିଥିଲେ ମଧ୍ୟ ବ୍ଲକ ପ୍ରଶାସନ, ଜିଲ୍ଲା ପ୍ରଶାସନ ଓ ବିଦ୍ୟୁତ୍ ବିଭାଗର ଅସହଯୋଗ କାରଣରୁ ସ୍ଥାନୀୟ ବାସିନ୍ଦା ଦହଗଞ୍ଜ ଭୋଗୁଥିବା ଜଣାପଡିଛି । ଏହି ଗ୍ରାମରେ ରହୁଥିବା ପ୍ରାୟ ୨୦ ଘର ଦଳିତ ସଂପ୍ରଦାୟର ପରିବାର ନିଜର ମୌଳିକ ସୁବିଧା ପାଇବା ପାଇଁ ଆପତି ଅଭିଯୋଗ କଲେ ମଧ୍ୟ କେହି ଶୁଣିବାକୁ ନାହାନ୍ତି । ନିର୍ବାଚିତ ପ୍ରତିନିଧି ମାନେ ଭୋଟ୍ ପାଇବା ପରେ ଦ୍ୱିତୀୟ ଥର ପାଇଁ ଗାଁ ଭିତରେ ପାଦ ପକାଉ ନଥିବା ଗ୍ରାମବାସୀ ମାନେ ଅଭିଯୋଗ କରିଛନ୍ତି । ଏହି ଗ୍ରାମବାସୀ ମାନଙ୍କୁ ଯାତାୟତ ପାଇଁ ରାସ୍ତା, ଆଲୋକ ଓ ପାନୀୟ ଜଳ ଯଥା ଶିଘ୍ର ପ୍ରଶାସନ ପକ୍ଷରୁ ଯୋଗାଇ ଦିଆ ନଗଲେ ଏହି ଦଳିତ ସଂପ୍ରଦାୟର ବ୍ୟକ୍ତିମାନେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣାରେ ବସିବେ ବୋଲି ଚେତାବନୀ ଦେଇଛନ୍ତି ।


2024-2025

ADMISSION OPEN

Maharishi Public School, Baripada



STD-NURSERY TO VIII

ENROLL YOUR CHILD TODAY

Special discount for new admission before 15.03.2024

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada

୨୬ତମ ପ୍ରତିଷ୍ଠା ଦିବସ ସମାରୋହ
ଖେଳ
ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବର କାଗଜ
# ପର୍ଯ୍ୟବେକ୍ଷକ
Bhubaneswar Sunday October 20 ଭୁବନେଶ୍ୱର ରବିବାର, ଅକ୍ଟୋବର ୨୦,୨୦୨୪ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com


## ଏକାମ୍ର ନିର୍ବାଚନ ମଣ୍ଡଳୀରେ ୩ କୋଟି ରୁ ଅଧିକ ଟଙ୍କାର ପ୍ରକଳ୍ପର ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ

ଭୁବନେଶ୍ୱର,(ପି.ଏନ):ସର୍ବଦା ଅବହେଳିତ ଓ ବିକାଶ ଠାରୁ ଦୂରରେ ଥିବା ଏକାମ୍ର କ୍ଷେତ୍ର ଏବେ ନୂଆ ସରକାରଙ୍କ ନେତୃତ୍ୱରେ ବିକାଶ ପଥରେ ଅଗ୍ରସର ହେଉଛି । ନୂତନ ଭାବେ ନିର୍ବାଚିତ ବିଧାୟକ ବାବୁ ସିଂ ପ୍ରତିଦିନ ନିଜ କାର୍ଯ୍ୟାଳୟରେ ଲୋକଙ୍କ ଅଭିଯୋଗ ଶୁଣିବା ସହିତ ବିଭିନ୍ନ ୱାର୍ଡ଼ ଓ ପଞ୍ଚାୟତ ବୁଲି ଲୋକଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା କରି ସମାଧାନ ପାଇଁ ପ୍ରୟାସ ଆରମ୍ଭ କରୁଛନ୍ତି । ଆଜି ଏକାମ୍ର ନିର୍ବାଚନ ମଣ୍ଡଳୀର ଜଗନ୍ନାଥ ନଗର ରୋଡ ନମ୍ବର ୮ ଏବଂ କୋରଡ଼କଣ୍ଟା ମଧ୍ୟରେ ଗଙ୍ଗୁଆ ନାଳରେ ସେତୁ ନିର୍ମାଣ ପାଇଁ ୩ କୋଟି ୧୮ ଲକ୍ଷ୍ୟ ଟଙ୍କା ବ୍ୟୟ ଅଟକଳରେ ହେବାକୁ ଥିବା କାର୍ଯ୍ୟର ଭିତ୍ତି ପ୍ରସ୍ତର ସ୍ଥାପନ କରିଥିଲେ ପଞ୍ଚାୟତିରାଜ ଏବଂ ପାନୀୟଜଳ, ଗ୍ରାମ୍ୟ ଉନ୍ନୟନ ବିଭାଗ ମନ୍ତ୍ରୀ ରବି ନାରାୟଣ ନାୟକ, ଭୁବନେଶ୍ୱର ସାଂସଦ



ଅପରାଜିତା ଷଡ଼ଙ୍ଗୀ, ଏକାମ୍ର ବିଧାୟକ ବାବୁ ସିଂ, ଭୁବନେଶ୍ୱର ବ୍ଲକ୍ ଅଧକ୍ଷ ନିରୁପମା ସାହୁ ।ଏହି କାର୍ଯ୍ୟ ପାଇଁ ସ୍ଥାନୀୟ ଜନସାଧାରଣ ନିୟମିତ ଭାବେ ଆଗ୍ରହ କରିଆସୁଥିଲେ ।ଏହାଦ୍ୱାରା ୨୦ ହଜାରରୁ ଊର୍ଦ୍ଧ ଜନସାଧାରଣ ଉପକୃତ ହେବେ । ଏହି ଅବସରରେ ବିଜେପି ନେତା ଜଗନ୍ନାଥ ପ୍ରଧାନ, ପ୍ରିୟଦର୍ଶୀ ମିଶ୍ର, ଅରୁଣ ପୁରୋହିତ, ରବି ପାତ୍ର, ସୂର୍ଯ୍ୟକାନ୍ତ ସାହୁ, କୃଷ୍ଣ ଚନ୍ଦ୍ର ନାୟକ,ପ୍ରଫୁଲ୍ଲ ସ୍ୱାଇଁ, ପିଣ୍ଟୁ ଜେନା, ସୁରେନ ବରାଳ,ଦିଲ୍ଲୀପ ଜେନା, ଆଲୋକ ସାହୁ, ବିଭୂତି ପ୍ରଧାନ, ଅଜୟ ସାମନ୍ତରାୟ,ସ୍ୱୟଂ ସେବକ ରାୟ, ଚିରଞ୍ଜିବ ଗୋଛାୟତ ଓ ସ୍ଥାନୀୟ ଜନସାଧାରଣ ପ୍ରମୁଖ ଉପସ୍ଥିତ ଥିଲେ ।

## ଇକୋସେଭର୍ସ ପକ୍ଷରୁ ଡିସେମ୍ବରରେ ମାସ ବ୍ୟାପୀ "ସ୍ୱଚ୍ଛ ମୋ ଗାଁ" ଅଭିଯାନ

ଭୁବନେଶ୍ୱର, (ପି.ଏନ): ଇକୋସେଭର୍ସ ୟୁଥ୍ ନେଟୱାର୍କ ପକ୍ଷରୁ ଡିସେମ୍ବରରେ ମାସ ବ୍ୟାପୀ "ସ୍ୱଚ୍ଛ ମୋ ଗାଁ" ଅଭିଯାନ କରାଯିବ ବୋଲି ଭୁବନେଶ୍ୱରର ଗୀତଗୋବିନ୍ଦ ସଦନରେ ଆୟୋଜିତ ହୋଇଥିବା ଇକୋସେଭେର୍ସର ରାଜ୍ୟସ୍ତରୀୟ କର୍ମଶାଳାରେ ପ୍ରତିନିଧି ମାନେ ନିଷ୍ପତି ନେଇଛନ୍ତି । ରାଜ୍ୟର ଅନ୍ୟତମ ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ପିପୁଲସ୍ କଲଚ଼ରାଲ୍ ସେଣ୍ଟର (ପିକକ୍) ଓ ଏ.ଇ.ଆଇ.ଏନ ର ସହଯୋଗରେ ପରିବେଶ ସୁରକ୍ଷା ଉପରେ ଏହି କର୍ମଶାଳା ଆୟୋଜିତ ହୋଇଥିଲା । ଏହି କର୍ମଶାଳାକୁ ଉଦ୍ଘାଟନ କରି ପିକକ୍ ର ସମ୍ପାଦକ ଶ୍ରୀ ରଂଜନ କୁମାର ମହାନ୍ତି ଇକୋସେଭର୍ସ ୟୁଥ୍ ନେଟୱାର୍କ ସଦସ୍ୟଙ୍କ ଦ୍ୱାରା ପରିବେଶର ସୁରକ୍ଷା ନିମନ୍ତେ କରାଯାଇଥିବା ବିଭିନ୍ନ ଅଭିନବ କାର୍ଯ୍ୟ ଯଥା ପକ୍ଷୀବସା ନିର୍ମାଣ, ଝରଣାରେ ପଥର ବନ୍ଧ ଦେଇ ଜଳ ସରକ୍ଷଣ କରିବା, ବର୍ଜ୍ୟ ପରିଚାଳନା, ବୃକ୍ଷ ରୋପଣ ଆଦିର ପ୍ରସଂଶା କରିଥିଲେ । ସେ ଆହୁରି ମଧ୍ୟ କହିଥିଲେ ଯୁବକମାନେ ଏକ ନୂତନ ଭବିଷ୍ୟତର ଉତ୍ପେରକ, ତେଣୁ ସେମାନେ ଏହି



ଗୁରୁଦାୟିତ୍ୱ କୁ ବହନ କରିବା ପାଇଁ ଭଲ ଭାବରେ ପ୍ରସ୍ତୁତ ହେବା ଉଚିତ୍ । ପିକକ୍ ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶୀକା ଶ୍ରୀମତୀ ଅନୁରାଧା ମହାନ୍ତି ସ୍ୱାଗତ ଭାଷଣ ଦେଇ ଏହି କର୍ମଶାଳାର ଉଦ୍ଦେଶ୍ୟ ସମ୍ପର୍କରେ ସମସ୍ତଙ୍କୁ ଅବଗତ କରାଇଥିଲେ । ଏହି କର୍ମଶାଳାରେ ଯୋଗଦେଇ ଇନରହ୍ୱିଲ କ୍ଲବର ଅଧକ୍ଷା ପ୍ରତିମା ନଳିନୀ ପତି ଯୁବଗୋଷ୍ଠିଙ୍କର କାର୍ଯ୍ୟର ଉଚ୍ଚ ପ୍ରସଂଶା କରିବା ସହିତ ଏକ ସମୃଦ୍ଧ, ସ୍ଥାୟୀ ଓ ସୁଦୃଢ ଭବିଷ୍ୟତ ଗଠନ ପାଇଁ ଯୁବଗୋଷ୍ଠିର ନେତୃତ୍ୱ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ । ରାଜ୍ୟ ପରିବେଶ ସମିତିର ସମ୍ପାଦକ ପ୍ରଫେସର ଜୟକୃଷ୍ଣ ପାଣିଗ୍ରାହି, ଜଳବାୟୁ ପରିବର୍ତ୍ତନ ଓ ପରିବେଶ ସୁରକ୍ଷା ତଥା ଯୁବକମାନଙ୍କର ଭୂମିକା ବିଷୟରେ କହିଥିଲେ । ଏଥି ସହିତ ନୈନ୍ଦିନ ଜୀବନରେ ବର୍ଜ୍ୟବସ୍ତୁ ହ୍ରାସ, ଶକ୍ତି ସଂରକ୍ଷଣ, ବୃକ୍ଷ ରୋପଣ, ପରିବେଶ ଉପଯୋଗୀ ଖାଦ୍ୟ ଅଭ୍ୟାସ ଗ୍ରହଣ କରିବା ଭଳି କିଛି ଉପାଦେୟ ସୂଚନା ମଧ୍ୟ ପ୍ରଦାନ କରିଥଲେ । ଏହି କର୍ମଶାଳାରେ ଓଡିଶାର ବିଭିନ୍ନ ଜିଲ୍ଲାର ପ୍ରାୟ ୫୦ ରୁ ଅଧିକ ଯୁବକ ଯୁବତୀ ଅଂଶଗ୍ରହଣ କରିଥିଲେ । ଯୁବ ନେତାମାନେ ପରିବେଶ ସୁରକ୍ଷା ନିମନ୍ତେ ସେମାନେ କରିଥିବା ବିଭିନ୍ନ କାର୍ଯ୍ୟକୁ ଏଠାରେ ଉପସ୍ଥାପନା କରିଥିଲେ ଏବଂ ଭବିଷ୍ୟତର କାର୍ଯ୍ୟପନ୍ଥା ମଧ୍ୟ ପ୍ରସ୍ତୁତ କରିଥିଲେ । ପିକକ୍ ର ପୂଜା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ । ପିକକ୍ ର ଜ୍ୟୋତି ଶଙ୍କର ମହାନ୍ତି, ଅଞ୍ଜନା ଦାଶ ପ୍ରମୁଖ କର୍ମଶାଳାକୁ ପରିଚାଳନା କରିଥିଲେ ।

## ଧାମନଗର ମହାବିଦ୍ୟାଳୟ ପୋଖରୀରେ ଏନଡିଆରଏଫ ପକ୍ଷରୁ ମକଡ୍ରିଲ ପଶିକ୍ଷଣ ଶିବିର

ଧାମନଗର,(ପି.ଏନ): ଜିଲ୍ଲା ଓ ବ୍ଲକ ପ୍ରଶାସନ ତରଫରୁ ଧାମନଗର ମହାବିଦ୍ୟାଳୟ ପରିସରରେ ଥିବା ଏକ ବିରାଟ ପୋଖରୀରେ ଶନିବାର ଏନ୍‌ଡିଆରଏଫ ପକ୍ଷରୁ ଏକ ମକ୍‌ଡ୍ରିଲ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ଜରୁରୀକାଳୀନ ପରିସ୍ଥିତିରେ କଲେଜ ପିଲାମାନେ ନିଜର ସୁରକ୍ଷା କରିବା ସହିତ ଅନ୍ୟମାନଙ୍କ ଜୀବନ ବଞ୍ଚାଇ ପାରିବେ ସେ ନେଇ ଏନ୍ ?ଡିଆରଏଫ ପକ୍ଷରୁ ସଚେତନତା କରାଯାଇଥିଲା । ଆଗକୁ ବାତ୍ୟା ଆଶଙ୍କା ଥିବାରୁ ଧାମନଗରରେ ବନ୍ୟା ପରିସ୍ଥିତି ଦେଖାଦେଲେ ଭରା ନଦୀରେ ବୁଡି ଯାଉଥିବା ଲୋକଙ୍କୁ ଘରୋଇ ସରଞ୍ଜାମରେ ଠିକ ସମୟରେ କିଭଳି ଉଦ୍ଧାର କରାଯାଇପାରିବ ମକଡ୍ରିଲ ମାଧ୍ୟମରେ ଦେଖାଇଥିଲେ । କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ



କ୍ରମେ ଜିଲ୍ଲା ଓ ବ୍ଲକ ପ୍ରଶାସନ ତରଫରୁ ଏହି ପଶିକ୍ଷଣ ତଥା (ମକ୍‌ଡ୍ରିଲ) କାର୍ଯ୍ୟକ୍ରମ ମହାବିଦ୍ୟାଳୟର ଅଧ୍ୟକ୍ଷ ଅଜୟ କୁମାର ବେଜଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ଧାମନଗର ତହସିଲଦାର ଦୀପକ କୁମାର ଦାସ,ସମ୍ମାନିତ ଅତିଥି ଭାବେ ଏନ ଏ ସି ନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ନାୟକ,ଅଧାପକ ସମୀର କୁମାର ହୋଇ,ବ୍ଲକର ମୁଖ୍ୟ କିରାଣୀ ପୂର୍ଣ୍ଣଚନ୍ଦ୍ର ପୁହାଣ,କୋଷାଧକ୍ଷ ଅରୁଣ କୁମାର ବସନ୍ତିଆ ପ୍ରମୁଖ ଯୋଗ ଦେଇଥିଲେ । ଏନ୍‌ଡିଆରଏଫ ମୁଣ୍ଡୁଳି ବାଟାଲିୟନର ଡେପୁଟି କମାଣ୍ଡାଣ୍ଟର କହ୍‌ନେୟା ଯୋଗୀଙ୍କ ତତ୍ତ୍ୱାବଧାନରେ ରାଜୀବ କୁମାର,ଅରୁଣ କୁମାର ଲାମ୍ବା,ରମେଶ କୁମାର, କନେଷ୍ଟବଳ ଚିନ୍ମୟ ମିଶ୍ର ପ୍ରମୁଖ ଉଦ୍ଧାରକାରୀ ଅଫିସର ମକଡ୍ରିଲ ପ୍ରଶିକ୍ଷଣ ଦେଇଥିଲେ । କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଶତାଧିକ ଛାତ୍ରଛାତ୍ରୀ,ଅଧାପକ ଅଧାପିକା ଓ କର୍ମଚାରୀ ଏବଂ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ରହି ପ୍ରଶିକ୍ଷଣ ଗ୍ରହଣ କରିଛନ୍ତି ।

## ଜଗତସିଂହପୁର ନିର୍ମାଣର ବିନ୍ଧାଣୀ ଲକ୍ଷ୍ମନ ମଲ୍ଲିକଙ୍କୁ ଦଶମ ଶ୍ରାଦ୍ଧ ବାର୍ଷିକରେ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି

ଜଗତସିଂହପୁର,(ପି. ଏନ): ଲକ୍ଷ୍ମଣ ମଲ୍ଲିକ୍ ସ୍ମୃତି କମିଟି ପକ୍ଷରୁ ଓଡ଼ିଶାର ପୂର୍ବତନ ମନ୍ତ୍ରୀ, ପୂର୍ବତନ ସାଂସଦ, ପୂର୍ବତନ ବିଧାୟକ, ପ୍ରଥମ ଜିଲ୍ଲା ପରିଷଦ ସଭାପତି ସ୍ୱର୍ଗତ ଲକ୍ଷ୍ମଣ ମଲ୍ଲିକଙ୍କ ଦଶମ ଶ୍ରାଦ୍ଧ ବାର୍ଷିକ ସ୍ମୃତି କମିଟିର ସଭାପତି ବିପ୍ଳବ ଚୌଧୁରୀ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଶ୍ରଦ୍ଧାଞ୍ଜଳି ସଭାରେ କଟକ -ବାରବାଟି ର ପୂର୍ବତନ ବିଧାୟକ ତଥା ବରିଷ୍ଠ କଂଗ୍ରେସ ନେତା ଇଂ ମହମ୍ମଦ ମୋକିମ୍ ମୁଖ୍ୟ ଅତିଥି ରୂପେ ଯୋଗଦେଇ ସ୍ୱର୍ଗତ ଲକ୍ଷ୍ମଣ ମଲ୍ଲିକଙ୍କ ପ୍ରତି ଶ୍ରଦ୍ଧା ସୁମନ ଅର୍ପଣ କରିବା ସହ ସମସ୍ତ କଂଗ୍ରେସ କର୍ମୀମାନେ ଏକଜୁଟ ହୋଇ କଂଗ୍ରେସ ଦଳକୁ ମଜଭୁତ କରାଇଲେ ଏହାହିଁ ହେବ ସ୍ୱର୍ଗତ ଲକ୍ଷ୍ମଣ ମଲ୍ଲିକଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ।ସ୍ମୃତି ସଭାରେ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ବରିଷ୍ଠ କଂଗ୍ରେସ ନେତା ତଥା ଆର୍ଯ୍ୟ ସମାଜର ସଭାପତି ଡ଼ ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର ସ୍ୱର୍ଗତ ଲକ୍ଷ୍ମଣ ମଲ୍ଲିକଙ୍କ କଂଗ୍ରେସ ଦଳପତି ଅବଦାନ ତଥା ଜଗତସିଂହପୁର ଅଞ୍ଚଳ ବିକାଶର ପ୍ରଜ୍ଞା ପୁରୁଷ ଭାବେ ଅଭିହିତ କରିଥିଲେ । ସମ୍ମାନନୀୟ ଅତିଥି ରୂପେ ବାଲିକୁଦାର ପୂର୍ବତନ ବିଧାୟକ ଲଲାଟେନ୍ଦୁ ମହାପାତ୍ର, ସ୍ମୃତି କମିଟିର ଆବାହକ ତଥା ଜିଲ୍ଲା କଂଗ୍ରେସ ସଭାପତି ନଟବର ବାରିକ, ଜିଲ୍ଲା ଓକିଲ ସଂଘ ସଭାପତି ରବିନ୍ଦ୍ରନାଥ ମହାନ୍ତି,ପୌରାଧକ୍ଷା ଅର୍ଚ୍ଚନା ସିଂହ,ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀର କଂଗ୍ରେସ ନେତା ଇଂ ହିମାଂଶୁ ଶେଖର ମଲ୍ଲିକ, ବାଲିକୁଦା ଏରସମା ନିର୍ବାଚନମଣ୍ଡଳୀର କଂଗ୍ରେସ ନେତା ଇଂ ନଳୀନ କୁମାର ସ୍ୱାଇଁ, ସୁପ୍ରିମକୋର୍ଟ ର ବରିଷ୍ଠ ଆଇନଜୀବି ଡ଼ ଶୁଶାନ୍ତ କୁମାର କାନୁନଗୋ, ପାରାଦ୍ୱୀପ ନିର୍ବାଚନମଣ୍ଡଳୀର କଂଗ୍ରେସ ନେତା



ନିରଞ୍ଜନ ନାୟକ, ସ୍ୱର୍ଗତ ଲକ୍ଷ୍ମଣ ମଲ୍ଲିକଙ୍କ କନ୍ୟା ସ୍ମୃତି କମିଟିର ସମ୍ପାଦିକା ପ୍ରତିମା ମଲ୍ଲିକ ପ୍ରମୁଖ ଯୋଗ ଦେଇ ଲକ୍ଷ୍ମଣ ମଲ୍ଲିକଙ୍କ ବହୁମୁଖି ପ୍ରତିଭା ସଂପର୍କରେ ଆଲୋଚନା କରିବା ସହ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ ।ସ୍ମୃତି କମିଟି ପକ୍ଷରୁ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବିଶିଷ୍ଟ ସମାଜସେବୀ ବିନାୟକ ପଟ୍ଟନାୟକ, ଡ଼ ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର,ବିକ୍ରମ କେଶରୀ ପରିଡ଼ା, ଜଟାଧାରୀ ସାହୁ ଙ୍କୁ ସମ୍ମାନିତ କରାଯାଇଥିବାବେଳେ ବରିଷ୍ଠ ରାଜନୀତିଜ୍ଞ କୁଳମଣୀ ଦାଶ ଙ୍କ ପାଇଁ ମରୋଣତ୍ତର ସମ୍ମାନ ତାଙ୍କ ପୁତ୍ର ଗ୍ରହଣ କରିଥିଲେ ।ସ୍ମୃତି କମିଟିର ଉପ ସଭାପତି ଅଭୟ କୁମାର ମହାନ୍ତି ସ୍ୱାଗତ ଭାଷଣ ଦେଇଥିବା ବେଳେ କମିଟିର ଅନ୍ୟତମ ଉପ ସଭାପତି ମାନସ କୁମାର ରଥ ଧନ୍ୟବାଦ ଅର୍ପଣ କରିଥିଲେ । ପ୍ରାରମ୍ଭରେ ବଳରାମପୁର ଗ୍ରାମ ପଞ୍ଚାୟତର କଂଗ୍ରେସ ଦଳର ଯୁବ ନେତା ସଂଜିତ୍ କୁମାର ମହାନ୍ତି (ରୁନା)ଙ୍କ ଅକାଳ ବିୟୋଗରେ ଅମର ଆତ୍ମାର ସଦଗତି ନିମନ୍ତେ ଦୁଇ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା ।ପ୍ରାତଃ ସମୟରେ ସ୍ଥାନୀୟ ଗଣେଶ ଘାଟ ଠାରେ ତିଳୋତର୍ପଣ କରାଯିବା ସହ ପୌର ପରିଷଦ କାର୍ଯ୍ୟାଳୟ ପରିସରରେ ଥିବା ସ୍ୱର୍ଗତ ଲକ୍ଷ୍ମଣ ମଲ୍ଲିକଙ୍କ ପ୍ରତି ମୂର୍ତ୍ତି ରେ ମାଲ୍ୟାର୍ପଣ କରାଯାଇଥିଲା ।ଅନ୍ୟ ମାନଙ୍କ ମଧ୍ୟରେ ଦେବୀ ପ୍ରସାଦ ଚୌଧୁରୀ,ପ୍ରଦିପ୍ତ କୁମାର ସାହୁ,ଦେବୀ ପ୍ରସନ୍ନ ନାୟକ,ପ୍ରସନ୍ନ ସାମନ୍ତରାୟ, ବଂଶିଧର ପଟ୍ଟନାୟକ, ଡ଼ ଜଗଦାନନ୍ଦ ବେହେରା,ଶରତ ଚନ୍ଦ୍ର ତ୍ରିପାଠୀ, ଭାସ୍କର ମଲ୍ଲିକ,ରବିନ୍ଦ୍ର ଦାସ, ପ୍ରଶାନ୍ତ କୁମାର ମହାପାତ୍ର,ଅଦ୍ୱ ?ତ କୁମାର ଜେନା, ସୌମ୍ୟଜିତ ଦାଶ,ଅବନୀକାନ୍ତ ମହାରଣା,ମହନୀ ଚରଣ ରାଉତ,ସର୍ବ ?ଶ୍ୱର ପଣ୍ଡା, ନିକୁଞ୍ଜ କିଶୋର ବେହେରା, ସୁଦର୍ଶନ ବେହେରା,ମିନୁ ଚୌଧୁରୀ, ଗଣେଶ୍ୱର ମାଣିଆ,ସଂଜୀବ ସ୍ୱାଇଁ,ସୁବ୍ରତ ରାୟ,ନିରଞ୍ଜନ ସେନା, ସୁକାନ୍ତ ମହାପାତ୍ର,ପ୍ରିୟନାଥ ରାୟ, ଭକ୍ତ ଚରଣ ଦାସ, ଭଗବାନ ବିଶ୍ୱାଳ,ରାଜ୍ କିଶୋର ଗୋଛାୟତ, ସରୋଜ ନାୟକ,ସୁବାସ ଚନ୍ଦ୍ର ସାହୁ, ପ୍ରମୋଦ ସାହୁ,ଦିଲ୍ଲିପ ମହାନ୍ତି, କୃଷ୍ଣଚନ୍ଦ୍ର ପ୍ରଧାନ,ମାନସ ପଣ୍ଡା,ବେଦଦୃତି ପୃଷ୍ଟି,ସମୀର ଖୁଣ୍ଟିଆ, ରୁଦ୍ର ପ୍ରସାଦ ବାରିକ୍,ପ୍ରିତମ ପରିଜା, ସିଦ୍ଧାର୍ଥ ତ୍ରିପାଠୀ, ନିରଞ୍ଜନ ମହାପାତ୍ର,ସଙ୍କରେଶ୍ୱର ଦାସ,ପ୍ରତାପ ମହାନ୍ତି,କ୍ରୀନସପ୍ରିୟା ପରିଜା,ସାଗରିକା ଦାଶ, ନିରଞ୍ଜନ ସେଠୀ,ରୁପଶ୍ରୀ ରାଗିଣୀ ସ୍ୱାଇଁ, ମହମ୍ମଦ ହିଫଜୁଲ ରହେମାନ, ଆର୍ଶୀବାଦ ତ୍ରିପାଠୀ,ସେଖ୍ ହେଦାୟତ୍ ଅଲ୍ଲୀ, ବାବାଜୀ ଜେନା,ଶିବ ସାହୁ, ଶୁଶାନ୍ତ ରାୟ,ସଂଦୀପ ସ୍ୱାଇଁ, ସୌଭାଗ୍ୟ ରଞ୍ଜନ ବିଶ୍ୱାଳ, ବସନ୍ତ ଭୋଇ,ମୁରଲି ଭୋଇ,ଅଭୟ ଷଡ଼ଙ୍ଗୀ,ଶିବ ପ୍ରସାଦ ବେହେରା, ଉମେଶ ସ୍ୱାଇଁ, ପ୍ରଭାକର ଜେନା, କୈଳାସ ଦାସ,ଧର୍ମାନନ୍ଦ ବିଶ୍ୱାଳ, ହେମନ୍ତ ମଲ୍ଲିକ,ଜ୍ଞାନ ରଞ୍ଜନ ପୃଷ୍ଟି, ଶୁଶାନ୍ତ ତ୍ରିପାଠୀ,ଜ୍ଞାନ ରଞ୍ଜନ ମହାନ୍ତି, ଦିଲ୍ଲୀପ ସିଂହ,ପଙ୍କଜ କୁମାର ପଣ୍ଡା,ପ୍ରଣବ ମହାପାତ୍ର,ରାଶବିହାରୀ ସାହୁ, ପଞ୍ଚାନନ ଦାଶ,ଆଶିଷ ମହାନ୍ତି,ଲିପୁ ଷଡ଼ଙ୍ଗୀ, ଅମ୍ବିକା ମହାନ୍ତି, ପ୍ରଶାନ୍ତ ନାଥ, କାର୍ତ୍ତିକ ମଲ୍ଲିକ,ଅଜୟ ମହାପାତ୍ର, ଅତୁଲ୍ୟ ବିଶ୍ୱାଳ, ଗୌରାଙ୍ଗ ଦାସ,ଶୀବାଶୀଷ ତ୍ରିପାଠୀ, ଇଶ୍ୱର ଚନ୍ଦ୍ର ସ୍ୱାଇଁ, ରାଜା ସ୍ୱାଇଁ ପ୍ରମୁଖ ସାମିଲ ହୋଇଥିଲେ ।




Printed & Puböished by Budhadev Mohapatra on behaöf of Hiranmayee Media Pvt. Ötd. & Printed at Mayur Offset Printers, Pöot No. D-1/1, Mancheswar Industriaö Estate, Bhubaneswar-751<0 & Puböished at N-4, F/24, IRC Viööage, Nayapaööi, Bhubaneswar, Dist-Khordha, Pin-751<5, Phone : (0674© 2550751/2555116, Fax No. : 2550504, E-maiö :editorpbkc@gmaiö.com, paryabekhyak@gmaiö.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray